# ପ୍ରେମ ପାଇଁ

ପ୍ରେମର ପରିଭାଷାକୁ ପରିପ୍ରକାଶ ପାଇଁ ପାଳନ ହେଉଛି ପ୍ରେମ ଦିବସ ବା ଭାଲେଣ୍ଟାଇନ୍ସ ଡେ'। ଏହି ଦିନଟିକୁ ସ୍ମରଣୀୟ କରିବା ପାଇଁ ରାଜଧାନୀ ସମେତ ସବୁଠି ସ୍ୱତନ୍ତ୍ର ପ୍ରସ୍ତୁତି । କେହି କେହି ନିଜ ପାର୍ଟନର ସହ ଲଙ୍ଗ୍‌ଡ୍ରାଇଭ୍‌ରେ ଯିବାକୁ ପ୍ଲାନ୍ କରିଛନ୍ତି ତ ଆଉ କେହି ଡିନର, ସର୍‌ପ୍ରାଇଜ୍ ପାର୍ଟିର ଆୟୋଜନ କରିଛନ୍ତି। ପୂର୍ବରୁ ପାର୍କ, ସିନେମା ହଲ୍, ରେଷ୍ଟୁରାଣ୍ଟ ଭଳି ସ୍ଥାନରେ ପ୍ରେମ ଦିବସ ଜମୁଥିଲା। ବିଶେଷକରି ଏହି ଦିନରେ ପାର୍କଗୁଡିକରେ ପ୍ରେମୀଯୁଗଳଙ୍କୁ ଅଧିକ ଦେଖିବାକୁ ମିଳୁଥିଲା। କରୋନା କଟକଣା ସହ ବିଭିନ୍ନ ସଂଗଠନର ବିରୋଧ ଯୋଗୁ ପ୍ରେମୀଯୁଗଳ ସେଲିବ୍ରେଶନ ପାଇଁ ସହରଠାରୁ ଦୂରରେ ଥିବା ପିକ୍‌ନିକ ସ୍ପଟ, ସମୁଦ୍ରକୂଳ ଆଦି ବିଭିନ୍ନ ସ୍ଥାନକୁ ଯିବା ପାଇଁ ଶ୍ରେୟ ମଣୁଛନ୍ତି।



ବକୁଳ ପାଉଣ୍ଡେଶନ ପକ୍ଷରୁ ପ୍ରସ୍ତୁତ ହୋମ୍‌ମେଡ୍ ଚକୋଲେଟ୍ ଓ ଗୋଲାପ ଫୁଲ ଚାରାର ସ୍ୱତନ୍ତ୍ର ପ୍ୟାକେଟ୍।

## ଫୁଲ, କାର୍ଡ ଓ ଗିଫ୍ଟ

ପ୍ରେମ ସପ୍ତାହର ସାତ ଦିନକୁ ନିଆରା ଢଙ୍ଗରେ ପାଳନ କରାଯାଏ। ପ୍ରଥମ ଦିନ ରୋଜ୍ ଡେ, ଦ୍ୱିତୀୟ ଦିନ ପ୍ରପୋଜ୍ ଡେ, ତୃତୀୟ ଦିନ ଚକୋଲେଟ୍ ଡେ, ଚତୁର୍ଥ ଦିନ ଟେଡି ଡେ, ପଞ୍ଚମ ଦିନ ପ୍ରମିଜ୍ ଡେ, ଷଷ୍ଠ ଦିନ ହଗ୍ ଡେ, ସପ୍ତମ ଦିନ କିସ୍ ଡେ'ରେ ନିଆରା ଭାବେ ଶୁଭେଚ୍ଛା ଜଣାଇଥାନ୍ତି ପ୍ରେମିକାପ୍ରେମିକ। ତେବେ ଅଷ୍ଟମ ଦିନ ଭାଲେଣ୍ଟାଇନ୍ସ ଡେ' ମନର ମଣିଷ ପାଇଁ ସବୁଠୁ ସ୍ପେଶାଲ ହୋଇଥାଏ। ପ୍ରଥମ ଦିନ ରୋଜ୍ ଡେ' ପଡୁଥିବାରୁ ଏହିଦିନ ପ୍ରେମିକା ପ୍ରେମିକ ପରସ୍ପରକୁ ଗୋଲାପ ଫୁଲ ଦେଇ ଶୁଭେଚ୍ଛା ଜଣାଇଥାନ୍ତି। ଗୋଲାପ ଫୁଲ ପ୍ରେମର ପ୍ରତୀକ ହୋଇଥିବାରୁ ଭାଲେଣ୍ଟାଇନ୍ସ ଡେ'ରେ ଏହାର ଚାହିଦା ଅଧିକ ରହିଥାଏ। ତେଣୁ ରବିବାରଠାରୁ ବିଭିନ୍ନ ଫୁଲ ଦୋକାନରେ ପ୍ରବଳ ଗହଳି ହୋଇଥିଲା। ଚାହିଦାକୁ ଦେଖି ଦାମ୍ ମଧ୍ୟ ବଢ଼ିଯାଇଥିଲା। ବ୍ୟବସାୟୀ ବିକାଶ ପାତ୍ର କହିଛନ୍ତି, ବେଙ୍ଗାଲୁରୁ, ରାୟପୁର, କୋଲକାତା ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଗୋଲାପ ଆମଦାନୀ ହେଉଛି। ଗୋଟିଏ ଗୋଲାପର ଦାମ୍ ୨୦ ଟଙ୍କାରୁ ୫୦ଟଙ୍କା ଏବଂ ଫୁଲତୋଡା ୨ଶହରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। କେବଳ ଗୋଲାପ ଫୁଲରେ ତିଆରି ତୋଡ଼ାର ମୂଲ୍ୟ ୩୫୦ ଟଙ୍କାରୁ ଆରମ୍ଭ ହେଉଛି। ମହାମାରୀ କରୋନାର ପ୍ରକୋପ ସାମାନ୍ୟ ହ୍ରାସ ପାଇଥିବାରୁ ଏଥର ବ୍ୟବସାୟ ଭଲ ହେବ ବୋଲି ସେ କହିଛନ୍ତି। କେବଳ ଫୁଲ ନୁହେଁ, ମନର କଥାକୁ ଭିନ୍ନ ରୂପରେ ପରିପ୍ରକାଶ ପାଇଁ କାର୍ଡର ଚାହିଦା ଆଜି ମଧ୍ୟ ରହିଛି। ତେଣୁ ବ୍ୟବସାୟୀମାନେ ବିଭିନ୍ନ ରୋମାଣ୍ଟିକ୍ ଲଭ୍ କାର୍ଡ ସହିତ ଆକର୍ଷଣୀୟ ଉପହାରର ପସରା ମେଲାଇଛନ୍ତି। କପଲ୍ ଗିଫ୍ଟ ସାଙ୍ଗକୁ ଫଟୋ ଫ୍ରେମ୍, ରୋଟେଶନ୍ ମ୍ୟୁଜିକ୍ ଗିଫ୍ଟ, ଲଭ୍‌ବାର୍ଡ ଆଦି ବିଭିନ୍ନ ଉପହାର ବଜାରରେ ଉପଲବ୍ଧ ହେଉଛି। ଏଥିସହ ଆଜିକାଲି ମଧ୍ୟ ଏହି ଦିନରେ ପ୍ରେମିକା ହେଉ କି ସ୍ତ୍ରୀଙ୍କ ନାଁରେ ସୁନା, ଜମି ଆଦି କିଣାଯାଉଥିବା ଦେଖିବାକୁ ବି ମିଳୁଛି।

## ଫ୍ରମ୍ ୟୋର ଭାଲେଣ୍ଟାଇନ୍

ଭାଲେଣ୍ଟାଇନ୍ସ ଡେ' ବା ପ୍ରେମ ଦିବସ ପାଳନ ପଛରେ ରହିଛି ଏକ ବାସ୍ତବ କଥା । ପ୍ରେମ ପାଇଁ ମୃତ୍ୟୁଦଣ୍ଡ ପାଇଥିବା ଭାଲେଣ୍ଟାଇନ୍ସ ନାମକ ଜଣେ ସନ୍ଥଙ୍କ ନାମରେ ଏହିଦିନ ପାଳନ କରାଯାଉଛି। ଇତିହାସ କୁହେ, ରୋମ୍‌ରେ କ୍ଲାଉଡିୟସ୍ ନାମକ ଜଣେ ଅତ୍ୟାଚାରୀ ରାଜା ଥିଲେ, ଯିଏ କି ପ୍ରେମ ଓ ବିବାହର ଘୋର ବିରୋଧୀ ଥିଲେ। ଜଣେ ଅବିବାହିତ ସୈନିକ ବିବାହିତ ସୈନିକଙ୍କଠାରୁ ବେଶି ଯୋଗ୍ୟ ବୋଲି ସେ ବିଚାର କରୁଥିଲେ। ତେଣୁ ତାଙ୍କ ରାଜ୍ୟର କୌଣସି ସୈନିକ ବିବାହ କରିବେ ନାହିଁ ବୋଲି ଆଦେଶ ଦେଇଥିଲେ। ଆଦେଶର ଅବମାନନା କଲେ କଠୋର ଦଣ୍ଡ ଦେବାକୁ ରାଜା ଘୋଷଣା କଲେ। ସେହି ରାଜ୍ୟରେ ଭାଲେଣ୍ଟାଇନ୍ ନାମକ ଜଣେ ସନ୍ଥ ରହୁଥିଲେ। ସେ ରାଜାଙ୍କ ଏଭଳି ଆଦେଶକୁ ବିରୋଧ କରି ସୈନିକଙ୍କୁ ବିବାହ ଲାଗି ପ୍ରେରଣା ଦେବା ସହ ସେମାନଙ୍କର ବିବାହ ମଧ୍ୟ କରାଇଦେଲେ। ଭାଲେଣ୍ଟାଇନ୍‌ଙ୍କ ଏପରି କାର୍ଯ୍ୟ ରାଜାଙ୍କ କାନରେ ପଡ଼ିଲା। ଆଦେଶ ଅବମାନନା କରିଥିବାରୁ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା। ସେହିଦିନ ଥିଲା ଫେବୃୟାରୀ ୧୪। ସେହିପରି ମୃତ୍ୟୁ ପୂର୍ବରୁ ଭାଲେଣ୍ଟାଇନ୍ ରୋମାନ୍ ଜେଲର୍ ଅଷ୍ଟେରିୟସ୍‌ଙ୍କ ଦୃଷ୍ଟିହୀନ କନ୍ୟାଙ୍କ ଦୃଷ୍ଟିଶକ୍ତି ଫେରାଇ ଦେଇଥିଲେ। ଯେଉଁଥିପାଇଁ ସମୟକ୍ରମେ ଭାଲେଣ୍ଟାଇନ୍ ଏବଂ ଅଷ୍ଟେରିୟସ୍‌ଙ୍କ କନ୍ୟାଙ୍କ ମଧ୍ୟରେ ପ୍ରଥମେ ବନ୍ଧୁତା ଓ ପରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ହେଲେ ନିଜ ପ୍ରେମକୁ ପାଇପାରି ନ ଥିଲେ ସନ୍ଥ ଭାଲେଣ୍ଟାଇନ। ମୃତ୍ୟୁଦଣ୍ଡ ପୂର୍ବରୁ ସେ ନିଜ ପ୍ରେମିକାଙ୍କ ପାଖକୁ ଏକ ଚିଠି ଲେଖିଥିଲେ, ଯାହାର ଶେଷରେ ଲେଖାଥିଲା 'ଫ୍ରମ୍ ୟୋର ଭାଲେଣ୍ଟାଇନ୍'। ପ୍ରେମର ଦୂତ ଭାଲେଣ୍ଟାଇନ୍‌ଙ୍କ ବଳିଦାନ ଦିବସକୁ ସେବେଠାରୁ ପ୍ରେମ ଦିବସ ଭାବେ ପାଳନ କରାଯାଇ ଆସୁଛି।



ପ୍ରିୟଜନଙ୍କ ପ୍ରତି ସ୍ନେହ ଓ ପ୍ରେମ ପ୍ରକାଶ କରିବାର ଏକ ନିଆରା ଦିନ ହେଉଛି ଭାଲେଣ୍ଟାଇନ୍ସ ଡେ। ପ୍ରତିବର୍ଷ ଫେବୃୟାରୀ ୧୪ରେ ପାଳନ ହେଉଥିବା ଏହି ଦିବସ ସମ୍ପର୍କର ସୌନ୍ଦର୍ଯ୍ୟକୁ ଦର୍ଶାଇବା ପାଇଁ ସମର୍ପିତ। ସ୍ନେହ ଏବଂ ପ୍ରେମର ଭାବନା ଯଦିଓ ସବୁଦିନେ ଦେଖାଇହେବ, ହେଲେ ତାହା ସ୍ମରଣୀୟ ହେବା ପାଇଁ ଏହି ଦିବସ ହେଉଛି ସ୍ୱତନ୍ତ୍ର, ଯାହାକୁ ଅନେକେ ଉତ୍ସବ ମନେ କରନ୍ତି।

## ବିରୋଧର ଆଭିମୁଖ୍ୟ

ପ୍ରେମର ପୂଜାରୀ ସନ୍ଥ ଭାଲେଣ୍ଟାଇନ୍‌ଙ୍କ ମୃତ୍ୟୁ ଦିବସ ଫେବୃୟାରୀ ୧୪କୁ ଭାଲେଣ୍ଟାଇନ୍ ଡେ' ଭାବେ ପାଳନ କରାଯାଉଛି। ମାତ୍ର ଏହି ଦିନକୁ ଧୁମ୍‌ଧାମ୍‌ରେ ପାଳନକୁ ଅନେକ ସଂଗଠନ ପକ୍ଷରୁ ବିରୋଧ କରୁଛନ୍ତି। ବିରୋଧର ଆଭିମୁଖ୍ୟ ହେଉଛି, ଉକ୍ତଦିନ ସଂଗ୍ରାମୀ ଭଗତ୍ ସିଂହଙ୍କୁ ଇଂରେଜମାନେ ଫାଶୀ ଦେଇଥିଲେ। ସେହିପରି ପୁଲ୍‌ୱାମା ସଂଘର୍ଷରେ ଏକାଧିକ ସୈନିକ ପ୍ରାଣ ହରାଇଥିଲେ। ତେଣୁ ଏଭଳି ଦୁଃଖଦ ଦିବସକୁ ଏଭଳି ଧୁମ୍‌ଧାମ୍‌ରେ ପାଳନ କରିବା ଉଚିତ୍ ନୁହେଁ। ସେହିପରି ପ୍ରେମ ନାମରେ ଯୁବପିଢି ଉଚ୍ଛୃଙ୍ଖଳ ହୋଇ ପଡୁଛନ୍ତି। ପାଶ୍ଚାତ୍ୟ ସଂସ୍କୃତିକୁ ଆପଣାଇ ଆମ ସଂସ୍କୃତି ପରମ୍ପରାକୁ ଭୁଲି ଯାଉଛନ୍ତି। ପୂର୍ବରୁ ଏହାକୁ ଦୃଢଭାବେ ବାରଣ କରାଯାଉଥିଲା। ମାତ୍ର ଏବେ ଆମେ ଶାନ୍ତି ଶୃଙ୍ଖଳାର ସହ ଯୁବପିଢିଙ୍କୁ ସଚେତନ କରାଉଛୁ। ପୁଲ୍‌ୱାମା ଆଟାକ୍ ଓ ଭଗତସିଂହଙ୍କ ସ୍ମୃତିରେ ଭୀମଟାଙ୍ଗୀଠାରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯିବ।

– ରାଜେଶ ପୃଷ୍ଟି,
ଅଧ୍ୟକ୍ଷ, ସେବା ହିଁ ସଂକଳ୍ପ

## ବାଧକ ସାଜି ନ ଥିଲା ଜାତି କି ଭିନ୍ନକ୍ଷମତା

କେନ୍ଦ୍ରାପଡ଼ା ଜିଲା ରାଜନଗର ଅନ୍ତର୍ଗତ କୋଇଲିପୁର ପଞ୍ଚାୟତର ଭାଗ୍ୟଧର ମଲ୍ଲିକ ଓ ପଟ୍ଟାମୁଣ୍ଡାଇ ବ୍ଲକ୍, ଖଣତା ପଞ୍ଚାୟତର ପ୍ରଭାସିନୀଙ୍କର ହେଉଛି ଏକ ନିଆରା ପ୍ରେମ କାହାଣୀ। ୨୦୦୧ରେ ଗ୍ରାଜୁଏଶନ୍ ସାରି ଭାଗ୍ୟଧର ଦିଲ୍ଲୀ ଯାଇଥିଲେ ବାପାଙ୍କ ପାଖକୁ। ସେଠି ଚାକିରି ବି କରୁଥିଲେ। ଏତିକିବେଳେ ପାଖ ଘରକୁ ଆସିଲେ ପ୍ରଭାସିନୀ। ମାଟ୍ରିକ୍ ପାସ୍ କରିବା ପରେ ସେ ତାଙ୍କ ବାପାଙ୍କ ପାଖକୁ ବୁଲିବାକୁ ଆସିଥାନ୍ତି। ସେଇଠି ହୁଏ ଦୁହିଁଙ୍କର ଦେଖା। ଭାଗ୍ୟଧର ଥିଲେ ଭିନ୍ନକ୍ଷମ। ପୁଣି ଅନୁସୂଚିତ ଜାତିର। କିନ୍ତୁ ତାଙ୍କ ଭଦ୍ର ବ୍ୟବହାରକୁ ଦେଖି ପ୍ରଭାସିନୀ ମନେ ମନେ ଭଲ ପାଇ ବସିଥିଲେ ବି କିଛି କହି ପାରି ନ ଥିଲେ। ୬ ମାସ ପରେ ଗାଁକୁ ଫେରି ଭାଗ୍ୟଧରଙ୍କୁ ଫୋନ୍ କରି ମନ କଥା ଜଣାଇଥିଲେ। ଭାଗ୍ୟଧର କହିଲେ, 'ସତରେ ଯଦି ତୁମେ ମୋତେ ଭଲ ପାଅ ତା'ହେଲେ ତୁମେ ପୁଣିଥରେ ଦିଲ୍ଲୀ ଆସିବ।' ସତକୁ ସତ ପ୍ରଭାସିନୀ ୧୫ ଦିନ ଭିତରେ ଦିଲ୍ଲୀ ଆସିଲେ। ଦୁହିଁଙ୍କ ଭିତରେ କଥାବାର୍ତ୍ତା ବଢ଼ିଥିଲା। ଜନ୍ମାଷ୍ଟମୀ ଦିନ ଦୁହେଁ ଶ୍ରୀକୃଷ୍ଣଙ୍କ ମନ୍ଦିରକୁ ଯାଇଥାନ୍ତି। ସେଇଠି ପ୍ରଭାସିନୀଙ୍କ କଥାରେ ଭାଗ୍ୟଧର ତାଙ୍କ ମଥାରେ ସିନ୍ଦୂର ପିନ୍ଧାଇ ଦେଲେ। ଭାଗ୍ୟଧର କୁହନ୍ତି, ଆମ ପରିବାର ଲୋକେ ପ୍ରଭାସିନୀଙ୍କୁ ବୋହୂଭାବେ ଗ୍ରହଣ କଲେ। କିନ୍ତୁ ପ୍ରଭାସିନୀ ସାହସ କରି ନିଜ ପରିବାର ଲୋକଙ୍କୁ ଜଣାଇ ପାରି ନ ଥିଲେ। ଏହାର କିଛିଦିନ ପରେ ମୁଁ ଗାଁକୁ ଚାଲି ଆସିଥିଲି ନିର୍ବାଚନ ଲଢ଼ିବା ପାଇଁ। ମୋ ଭାଇ ପ୍ରଭାସିନୀଙ୍କୁ ଗାଁକୁ ନେଇ ଆସିଲେ। ଏହା ପରେ ଦୁହେଁ କୋର୍ଟ ମ୍ୟାରେଜ କଲୁ। ୨୦୦୧ରୁ ଆରମ୍ଭ ହୋଇଥିବା ଆମର ପ୍ରେମ କାହାଣୀ ୨୦୦୭ରେ ବିବାହର ରୂପ ନେଲା। ଏବେ ମୁଁ କଳାହାଣ୍ଡି ଜିଲାର ଏକ ଘରୋଇ ସ୍କୁଲରେ ପ୍ରିନ୍ସିପାଲ ଅଛି। ଦୁହେଁ ଖୁସିର ସଂସାର କରିଛୁ। ପ୍ରଭାସିନୀଙ୍କ ପରିବାର ଏ ପର୍ଯ୍ୟନ୍ତ ଭଲରେ ଏଇ ବିବାହକୁ ଗ୍ରହଣ କରିପାରି ନାହାନ୍ତି। ହେଲେ ଆମ ପ୍ରେମର ମୂଳଦୁଆ ବିଶ୍ୱାସ ଓ ଭଲପାଇବା ଥିଲା। ତେଣୁ ଆମ ସମ୍ପର୍କ ଆଜି ପର୍ଯ୍ୟନ୍ତ ମଧୁର ହୋଇ ରହିଛି।'



ଭାଗ୍ୟଧର ଓ ପ୍ରଭାସିନୀ

– ଶିବାନୀ

## ପ୍ରଶଂସିକାରୁ ଜୀବନସାଥୀ

**– ଶ୍ରୀତମ ଦାସ (ଅଭିନେତା)**

ପ୍ରଶଂସିକାରୁ ପ୍ରେମିକା ଏବଂ ପରେ ଜୀବନସାଥୀ। ବିବାହର ୬/୭ ବର୍ଷ ପୂର୍ବରୁ ଭୁବନେଶ୍ୱରରେ ମୋ ସହ ପୁନମ୍‌ଙ୍କର ଦେଖା ହୋଇଥିଲା। ପରେ ହଠାତ୍ ଦିନେ ପୁନମ୍ ମୋତେ ଫୋନ୍ କରିଥିଲେ। ଧୀରେ ଧୀରେ ଆମ ଭିତରେ ବନ୍ଧୁତା ସୃଷ୍ଟି ହେଲା। କଥା ହେବାର ୮ମାସ ପର୍ଯ୍ୟନ୍ତ ଆମେ କେହି କାହାକୁ ଦେଖି ନ ଥିଲୁ। ଏକ କାମରେ ରାୟଗଡ଼ା ଯାଇଥିବା ସମୟରେ ପୁନମ୍ ଓ ତାଙ୍କ ପରିବାର ସହ ଦେଖା ହୋଇଥିଲା। ସେତେବେଳେ ତାଙ୍କ ପରିବାର ଲୋକେ ମତେ ବହୁତ ସ୍ନେହ କରିଥିଲେ। କିଛିଦିନ ପରେ ମେଡିକାଲ କାମ ପାଇଁ ସେ ତାଙ୍କ ମା'ଙ୍କ ସହ କଟକ ଆସିଥିଲେ। ମୁଁ ଏ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଆମ ଘରକୁ ଡାକିଥିଲି। ସେମାନେ ଆମ ଘରକୁ ଆସିବା ପରେ ମୋ ମା' ତାଙ୍କ ମା'ଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। ସେ ପର୍ଯ୍ୟନ୍ତ ଆମେ ଭଲ ବନ୍ଧୁ ଥିଲୁ। ଶେଷରେ ପରିବାର ସହମତିରେ ୨୦୧୧ ଡିସେମ୍ବର ୭ରେ ବିବାହ ହୋଇଥିଲା।



## ବୁଝାମଣା ଏବେ ବି ଦୃଢ଼ ରହିଛି

**– ସୂର୍ଯ୍ୟକାନ୍ତ (ଅଭିନେତା)**



ପ୍ରଥମ ଦେଖାରେ ହିଁ ମୁଁ ମାମାଙ୍କୁ ଭଲ ପାଇବସିଥିଲି। ଯାହାହେଉ ଆମ ଭିତରେ ଏହି ପବିତ୍ର ସମ୍ପର୍କର ସୃଷ୍ଟି ସେହି ପ୍ରଥମ ଦେଖାରୁ ହିଁ ହୋଇଥିଲା। ତାଙ୍କର କୁଲ୍ ନେଚର ମୋତେ ବେଶି ପ୍ରଭାବିତ କରିଥିଲା। ସେତେବେଳେ ସେ ଚାକିରି କରୁଥାଆନ୍ତି। ଦେଖାସାକ୍ଷାତ ପରେ ମୁଁ ଯେତେବେଳେ ତାଙ୍କୁ ପ୍ରପୋଜ୍ କଲି ସେ ତାହାକୁ ଗ୍ରହଣ କରିଥିଲେ। ଖାସ୍ କଥା ହେଲା, ସେତେବେଳେ ଆମ ପ୍ରେମକୁ ପ୍ରଭାବିତ କରିବା ଭଳି କୌଣସି ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ଆଉ ପରସ୍ପର ଭିତରେ ଉତ୍ତମ ବୁଝାମଣା ଯୋଗୁ ପରବର୍ତ୍ତୀ ସମୟରେ ଆମେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲୁ। ବିବାହ ପୂର୍ବରୁ ଆମ ଭିତରେ ଥିବା ନିବିଡତା ଏବେ ଆହୁରି ଦୃଢ଼ ହୋଇଛି। ତାଙ୍କୁ ମୁଁ ମୋ ହୋମ୍ ପ୍ରଡକ୍ସନରେ ନିର୍ମିତ 'ବାଳୀ'ରେ ନାୟିକା ସାଜିବାର ସୁଯୋଗ ଦେଇଛି।

## ଜଗନ୍ନାଥ ଆମକୁ ଏକାଠି କରିଛନ୍ତି

**– ପ୍ରଜ୍ଞା (ହାସ୍ୟାଭିନେତା)**

ସେତେବେଳେ ମୁଁ ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ନାଟକ ବିଭାଗରେ ପଢୁଥାଏ। ଏମିତି ସୁନନ୍ଦା ପରିଡାଙ୍କ ସହ ଦେଖାସାକ୍ଷାତରୁ ଆମ ଭିତରେ ନିବିଡତା ସୃଷ୍ଟି ହୋଇଥିଲା। କଥାରେ ଅଛି, ଖୋଜିବାରୁ ହିଁ ଭଲ ପାଇବା ଆସେ। ସେହି ସମୟରେ ନାଟକ ବିଷୟରେ ଅଧିକ ଜ୍ଞାନ ଅର୍ଜନ କରିବାକୁ ମୁଁ ପରୀକ୍ଷାରେ ଫେଲ୍ ହୋଇ କିଛି ବର୍ଷ ପଢ଼ିଥିଲି। ଏପରି କି ଦୁହେଁ ପି.ଜି. ସମୟରେ ଏକାଠି ପରୀକ୍ଷା ଦେଇଥିଲୁ। ଏହା ଭିତରେ ଆମେ ଥିଏଟର ନାଟକରେ ଅଭିନୟ କରିସାରିଥିଲୁ। ଏପରି କି ଏକ ନାଟକରେ ସେ ମୋ ବୁଢ଼ୀମା' ଭୂମିକାରେ ଅଭିନୟ କରିଥିଲେ। କେତୋଟି ଧାରାବାହିକରେ ମଧ୍ୟ ଆମେ ଏକାଠି ଆକ୍ଟିଂ କରିଛୁ। ଏହି ଅଭିନୟ ଜୀବନ ଭିତରେ ଆମର ପ୍ରେମ ସଫଳତାର ଶୀର୍ଷରେ ପହଞ୍ଚି ସାରିଥିଲା। ବିଶେଷ କରି ସୁନନ୍ଦାଙ୍କର ଶାନ୍ତ ସରଳ ନେଚର ଏବଂ ଅମାୟିକ ବ୍ୟବହାର ମୋତେ ଅଧିକ ପ୍ରଭାବିତ କରିଥିଲା। ଚଳିତ ବର୍ଷ ମୁଁ ତାଙ୍କୁ ଧର୍ମପତ୍ନୀ ଭାବରେ ଗ୍ରହଣ କରିଛି। ପ୍ରଭୁ ଜଗନ୍ନାଥ ଆମକୁ ଏକାଠି କରିଛନ୍ତି। ତାଙ୍କର ଆର୍ଶୀବାଦରୁ ଆମେ ଦୁହେଁ ଏବେ ଖୁସିରେ ଅଛୁ।



**– ସାକ୍ଷାତ୍: ବନ୍ଦନା, ଶୁଭ୍ରପ୍ରକାଶ**

## ଡିଷ୍ଟାନ୍ସ ରିଲେଶନଶିପ୍‌କୁ ନିକଟତର କରୁଛି ଡିଜିଟାଲ ପ୍ଲାଟଫର୍ମ

ସମୟ ସହିତ ତାଳ ଦେଇ ବଦଳିଛି ପ୍ରେମର ପରିଭାଷା। ଚିଠି ଏବଂ ମେସେଜ୍‌ରୁ ବାହାରି ପ୍ରେମ ଏବେ ଡିଜିଟାଲ୍ ପ୍ଲାଟଫର୍ମରେ ପହଞ୍ଚିଛି। 'ଟିଣ୍ଡର' ଠାରୁ ଆରମ୍ଭ କରି 'ହାପେନ୍', 'ସୋଲ୍‌ମେଟ୍ ଡଟ୍‌କମ୍', 'ସଙ୍ଗମ୍ ଡଟ୍‌କମ୍', 'ସିଙ୍ଗଲ ଆଟ୍ ମିଙ୍ଗଲ୍ ୨ ଡଟ୍‌କମ୍' ଭଳି ଏକାଧିକ ଅନ୍‌ଲାଇନ୍ ଡେଟିଂ ଆପ୍ ପ୍ରେମକୁ ଆହୁରି ସହଜ କରିଦେଇଛି। ମନପସନ୍ଦର ଜୀବନସାଥୀ ଖୋଜିବା ପାଇଁ ଏହି ଅନ୍‌ଲାଇନ୍ ଆପ୍‌ଗୁଡିକ ଖୁବ୍ ସହଜ ମାଧ୍ୟମ ପାଲଟିଛି। ମେଟ୍ରୋ ସିଟି ବ୍ୟତୀତ ଓଡ଼ିଶାର ବିଭିନ୍ନ ସହରରେ ମଧ୍ୟ ଏହାର ବହୁଳ ବ୍ୟବହାର ହେଉଛି। ସେହିପରି ସୋସିଆଲ ମିଡିଆରେ ଲଙ୍ଗ ଡିଷ୍ଟାନ୍ସ ରିଲେସନଶିପରେ ରହୁଥିବା ଯୋଡ଼ି ପାଇଁ ଦୂରତା କୌଣସି ପ୍ରକାର ବାଧକ ସାଜୁନି। ଯେତେ ଦୂରରେ ରହିଲେ ବି ଅନଲାଇନରେ ଚାଟିଂ କରିବା ସହ ଭିଡିଓ କଲ୍‌ରେ କଥା ହୋଇପାରୁଛନ୍ତି। ମନର ସବୁ ଭାବନାକୁ ନିଜ ସାଥୀ ପାଖରେ ବାଣ୍ଟିବାର ଏହା ହେଉଛି ଏକ ଶ୍ରେଷ୍ଠ ମାଧ୍ୟମ।

## ପଦଟିଏ

ପ୍ରେମ ଦିବସ ଉପଲକ୍ଷେ କେତେଜଣ କବିଙ୍କ କଲମରୁ...

### ପ୍ରେମରେ ଜିଇବା

ଜଣେ ହାତ ବଢ଼ାଇଲେ
ଆଉ ଗୋଟେ ହାତ କୁଆଡୁ ଆସି
ସେଥିରେ ଥାପି ହୋଇଯାଏ।
କାହିଁକି ଏତେ ନକାରାତ୍ମକତା
ମୁଁ ଏବଂ ଆପଣ
ଆପଣ ଏବଂ ସେ
ସେ ଏବଂ ମୁଁ
ସବୁ ଏକାକାର ହୋଇଯିବା।
ଆସ ଆମେ ଯୋଡ଼ି ହୋଇଯିବା
ପ୍ରେମରେ ଜିଇବା।

– ଲକ୍ଷ୍ମୀ ଚାନ୍ଦ,
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର

### ଫେବୃୟାରୀର ସେଇ ଦିନ

ଫେବୃୟାରୀର ସେଇ ଦିନଟି
ଲାଗୁଥିଲା କେମିତି
ଖୁବ୍ ଭିନ୍ନ...
ଗୋଟେପଟେ ଘୃଣାର ବହ୍ନି,
ଅନ୍ୟପଟେ ପ୍ରେମର ସ୍ୱାକ୍ଷର।
ଚାରିପଟେ ଶୁଭୁଥିଲା
ଭାଲେଣ୍ଟାଇନ୍ସ ଡେ'ର କୋଳାହଳ।

– ଲିପ୍‌ସା ପଟେଲ, ଭବାନୀପାଟଣା

### ସ୍ୱର୍ଣ

ବନ୍ଧୁରେ ଆଜି ବନ୍ଧୁର ପଥେ
ଏଇ ପୀରତିର ରଥେ,
ଦେଖି ନିଏ ଯେତେ ଦୃଶ୍ୟ
ରହିଛି
ନମନୀୟ, କମନୀୟ
ଯୁଗଯୁଗ ପାଇଁ, ପ୍ରେମ-
ଦିବସ
ରହିଯିବ ସ୍ମରଣୀୟ !!!

– ଅୟସ୍କାନ୍ତ,
ଗ୍ରାମ୍ୟ ନିର୍ମାଣ ଉପ
ବିଭାଗ, ରାଜକନିକା,
କେନ୍ଦ୍ରାପଡ଼ା

### କରିଛି ମୁଁ ଆପଣାର...

ତୁମେ ଦେଇଥିବା ଗୋଲାପ ସେଦିନ
ମହକ ମୋ ବଗିଚାର,
ତୁମେ ଫିଙ୍ଗିଥିବା ପଥରରେ ପରା
ତିଆରିଛି ମୋର ଘର।
ପ୍ରେମ ଦିବସରେ ଗୋଲାପ ବନରେ
କେତେ ଯେ ବୁଲାଇଥିଲ,
ଫୁଲ ବଦଳରେ କଣ୍ଟାରେ କାହିଁକି
ମୋତେ କଲବଲ କଲ,
ସେବେଠାରୁ ତୁମ ଘୃଣାର ପୃଥିବୀ
କରିଛି ମୁଁ ଆପଣାର।

– ବିପିନ୍ ମହାନ୍ତି
ଗଡ଼ ମହାବୀର ବିହାର,
ଗ୍ୟାରେଜ ଛକ, ଭୁବନେଶ୍ୱର

### ପ୍ରେମର ପୃଥିବୀ

ଏହି ପୃଥିବୀରେ ପ୍ରେମ ଅଛି ବୋଲି
ଏ ଜୀବନ କମନୀୟ
ସବୁ ରଙ୍ଗ ଫିକା ଫିକା ଲାଗେ ଏଠି
ପ୍ରେମ ରଙ୍ଗ ବନ୍ଦନୀୟ।
ବସନ୍ତ ବାସରେ ଫଗୁଣ ରାସରେ
ପ୍ରେମ କରେ ଅଭିସାର
ପ୍ରେମ ବନ୍ଧନରେ ବାନ୍ଧି ହେବାପାଇଁ
ଈଶ୍ୱରଙ୍କ ଅବତାର।

– ଅବନୀ ମିଶ୍ର,
ଉପସଭାପତି,
ରାଜ୍ୟ ଲୋକକଳା ସଂଘ

## ଭାଲେଣ୍ଟାଇନ୍ @ ୭୪

ପ୍ରେମୀଯୁଗଳଙ୍କ ପାଇଁ ଉଦାହରଣ ପାଲଟିଛନ୍ତି କଟକର ବାଳକୃଷ୍ଣ ମାଝୀ ଓ ଆଲୋଚନା ଦେବୀ। ବିବାହର ୭୪ ବର୍ଷ ପରେ ମଧ୍ୟ ଉଭୟଙ୍କ ପରସ୍ପର ପ୍ରତି ଭଲପାଇବା କମିନାହିଁ। ବାରଙ୍ଗ ବ୍ଲକ ଅଧୀନ କେନ୍ଦୁପାଟଣା ଗ୍ରାମରେ ଉଭୟ ଜନ୍ମଗ୍ରହଣ କରିଥିଲେ। ଆଲୋଚନାଙ୍କ ବାପା ଜୟରାମ ଦାସ ଜମିଦାର ଥିଲେ। ଗ୍ରାମର ପ୍ରଥମ ଗ୍ରାଜୁଏଟ୍ ବାଳକୃଷ୍ଣଙ୍କୁ ନିଜ ଜାମାତା କରିବେ ବୋଲି ଜୟରାମ କହିଥିଲେ। ଅପରପକ୍ଷେ ଅନ୍ୟ ସ୍ଥାନରେ ବାଳକୃଷ୍ଣଙ୍କର ପୂର୍ବରୁ ନିର୍ବନ୍ଧ ସରିଥିଲେ ମଧ୍ୟ କୌଣସି କାରଣରୁ ବାହାଘର ଭାଙ୍ଗି ଯାଇଥିଲା। ଏହାପରେ ୧୯୪୮ ଜୁନ୍‌ରେ ବାଳକୃଷ୍ଣ ଓ ଆଲୋଚନାଙ୍କର ବିବାହ ହୋଇଥିଲା। ବିବାହ ବେଳକୁ ବାଳକୃଷ୍ଣଙ୍କୁ ୨୫ ବର୍ଷ ଓ ଆଲୋଚନାଙ୍କୁ ୧୭ ବର୍ଷ ହୋଇଥିଲା। ବିବାହର ୧୫ ଦିନ ପରେ ରାଜକନିକା ହାଇସ୍କୁଲରେ ଶିକ୍ଷକ ଭାବରେ ଯୋଗ ଦେଇଥିଲେ ବାଳକୃଷ୍ଣ। ପରେ ସେଠାରୁ ଆସି ୧୯୪୯ରେ ସଚିବାଳୟରେ ଚାକିରି କରିଥିଲେ। ହେଲେ ସେଠାରେ ତାଙ୍କୁ ଆତ୍ମସନ୍ତୋଷ ନ ମିଳିବାରୁ ଦୁଇବର୍ଷ ପରେ ଚାକିରି ଛାଡି ଗାଁକୁ ଚାଲିଆସିଥିଲେ। ବାଲ୍ୟକାଳ ଅଭାବ ଅନଟନରେ ବିତିଥିବାରୁ ଶିକ୍ଷା ଲାଭ ପାଇଁ ତାଙ୍କୁ ବହୁ କଷ୍ଟ କରିବାକୁ ପଡ଼ିଥିଲା। ସେଥିଲାଗି ଗ୍ରାମରେ ପିଲାମାନଙ୍କ ପାଇଁ ଶିକ୍ଷାନୁଷ୍ଠାନ ଖୋଲିବାକୁ ସେ ସ୍ୱପ୍ନ ଦେଖିଥିଲେ। ସେ ନିଜ ଗ୍ରାମରେ ଉତ୍କଳମଣି ମଧ୍ୟ ଇଂରାଜୀ ଉଚ୍ଚବିଦ୍ୟାଳୟ, ଉତ୍କଳମଣି ବାଳିକା ଉଚ୍ଚବିଦ୍ୟାଳୟ ଓ କୁଞ୍ଜବିହାରୀ ମହାବିଦ୍ୟାଳୟ(ବାରଙ୍ଗ କଲେଜ) ଅନେକ ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ସହାୟତାରେ ପ୍ରତିଷ୍ଠା କରିଥିଲେ। ତେବେ ରାଣୀହାଟ ହାଇସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ ସେ। ସମାଜ ପାଇଁ କିଛି କରିବା ଜିଦ୍‌ରେ ତାଙ୍କ ପରିବାର, ୩ପୁଅ ଓ ୫ଝିଅଙ୍କୁ ସମ୍ଭାଳିଥାନ୍ତି ଆଲୋଚନା। ଉଭୟଙ୍କ ସମ୍ପର୍କକୁ ୭୪ ବର୍ଷ ବିତିଯାଇଥିଲେ ମଧ୍ୟ ପରସ୍ପର ପ୍ରତି ଭଲପାଇବା ତିଳେମାତ୍ର କମିନାହିଁ ବୋଲି ଆଲୋଚନା କହିଛନ୍ତି। ସେହିପରି ବାଳକୃଷ୍ଣ କହିଛନ୍ତି, ଜୀବନରେ ଆଲୋଚନା ସାଥିରେ ଥିବାରୁ କିପରି ଏତେ ବର୍ଷ ବିତିଯାଇଛି ସେ ଜାଣି ପାରିନାହାନ୍ତି। କାରଣ ସେ ମୋ ପାଇଁ ଆଉ ମୁଁ ତାଙ୍କ ପାଇଁ।



ବାଳକୃଷ୍ଣ ଓ ଆଲୋଚନା

– ସୁପ୍ରିୟା ପ୍ରିୟଦର୍ଶିନୀ



























# ଯୋଜନାରେ ସୀମିତ ଆଦିବାସୀ ବିକାଶ

ସେମିଳିଗୁଡା,ସୁନାବେଡା,୧୩ା୨ (ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡା ବ୍ଲକରେ ଥିବା ୧୭ଟି ପଞ୍ଚାୟତର ବିକାଶ କେବଳ ଯୋଜନାରେ ସୀମିତ ରହିଛି। ଆଦିବାସୀ ଅଧ୍ୟୁଷିତ ଏହି ପଞ୍ଚାୟତଗୁଡିକ ମଧ୍ୟରୁ ଦଳେଇଗୁଡ଼ା, ରାଜପୁଟ ପଞ୍ଚାୟତରେ ରହିଥିବା ସମସ୍ୟା ସମାଧାନରେ ପ୍ରଶାସନ ବିଫଳ ହୋଇଛି। ଦଳେଇଗୁଡ଼ା ପଞ୍ଚାୟତର ଲୋକସଂଖ୍ୟା ହେଉଛି ୪୮୫୭। ଏହି ପଞ୍ଚାୟତରେ ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ ଓ ପିଇବା ପାଣି ସମସ୍ୟା ରହିଛି। ଏହି ପଞ୍ଚାୟତର ବାଙ୍ଗୁରୁଗୁଡା ସେମିଳିଗୁଡା ବ୍ଲକ୍ କାର୍ଯ୍ୟାଳୟଠାରୁ ଅଳ୍ପ ଦୂରରେ ଥିଲେ ମଧ୍ୟ ଦୀପତଳ ଅନ୍ଧାର ପରି ଗ୍ରାମ ପ୍ରତି ପ୍ରଶାସନର ନଜର ନାହିଁ। ଗାଁକୁ ଯିବାକୁ ପକ୍କା ରାସ୍ତାଟିଏ ନାହିଁ। ସରକାରଙ୍କ ବସୁଧା ଯୋଜନା ଏଠାରେ ଫେଲ୍ ମାରିଛି। ପିଇବାପାଣି ଯୋଗାଣ ଲାଗି ଟାଙ୍କି ଓ ପାଇପ୍ ସଂଯୋଗ ହୋଇଥିଲେ ମଧ୍ୟ ୧୦ ମାସ ହେଲା ପଡିରହି ଏହା ଏବେ ଅଚଳ ହୋଇପଡିଲାଣି। ଫଳରେ ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ପରିବାର ଦୁଇଟି ନଳକୂଅ ଉପରେ ନିର୍ଭର କରି ଚଳୁଛନ୍ତି। ନଳକୂପ ଅଚଳ ହେଲେ ଗ୍ରାମବାସୀ ନିକଟସ୍ଥ ନାଳ, ଝରଣା ଓ ଚୁଆରୁ ପାନୀୟ ଜଳ ସଂଗ୍ରହ କରି ଚଳିଥାନ୍ତି। ଏଠାକାର ଶିକ୍ଷା ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ। ଗ୍ରାମରେ ଥିବା ସ୍କୁଲ୍ ବନ୍ଦ ହୋଇଯିବାରୁ ଛାତ୍ରୀଛାତ୍ରମାନେ ପାଠପଢିବାକୁ ୩କି.ମି.ଦୂର ଅନ୍ୟ ଏକ ଗ୍ରାମ ବିଦ୍ୟାଳୟକୁ ଯାଉଛନ୍ତି।

ସେହିପରି ବ୍ଲକର ଅନ୍ୟ ଏକ ପଞ୍ଚାୟତ ହେଉଛି ରାଜପୁଟ୍। ପଞ୍ଚାୟତର ଲୋକ ସଂଖ୍ୟା ୫୬୭୩ ଥିବା ବେଳେ ଏଠାରେ ମଧ୍ୟ ପଞ୍ଚାୟତବାସୀ ବିକାଶଠାରୁ ରହିଛନ୍ତି ବହୁ ଦୂରରେ। ପଞ୍ଚାୟତରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଗୋଟିଏ ସ୍କୁଲ୍ ଥିବାବେଳେ ୫ଟି ଶ୍ରେଣୀ ଗୃହ ରହିଛି। ଫଳରେ ଛାତ୍ରୀଛାତ୍ରମାନେ ଅଧ୍ୟୟନ ବେଳେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପଞ୍ଚାୟତର ଶେଷ ଗ୍ରାମ ହେଉଛି ରୋଷେଇପୁଟ୍। ରାସ୍ତା ହେଉଛି ଗ୍ରାମ ପାଇଁ ମୁଖ୍ୟ ସମସ୍ୟା। ଗ୍ରାମବାସୀଙ୍କ ସହାୟତାରେ ଗ୍ରାମକୁ ମାଟି ରାସ୍ତା ନିର୍ମାଣ ହୋଇଛି।


ଦଳେଇଗୁଡାରେ ଷ୍ଟାଣ୍ଡ ପୋଷ୍ଟରେ ପାଣି ଆସୁନି।


ରୋଷେଇପୁଟ୍ ଗ୍ରାମକୁ ଗ୍ରାମବାସୀଙ୍କ ସହଯୋଗରେ ତିଆରି ହୋଇଥିବା ରାସ୍ତା।

## ସଂକ୍ଷେପରେ

### ଏମ୍‌ଭି ୭୯ରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



ଏମ୍‌ଭି ୭୯,୧୩ା୨(ଡି.ଏନ.ଏ.)- ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ମାଲକାନଗିରି ଜିଲା ଏମ୍‌ଭି-୭୯ ଥାନା ପକ୍ଷରୁ ରବିବାର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ମୁକୁନ୍ଦ ମେଲକାଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ ଥାନା ପରିସରରୁ ବାହାରି ମୁଖ୍ୟ ବଜାର ଦେଇ ଇରିଗେଶନ କଲୋନୀ, ମେଡିକାଲ, ହାଇସ୍କୁଲ, କଲେଜ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଜନସାଧାରଣ ଯେପରି ଭୟମୁକ୍ତ ହୋଇ ସୁରକ୍ଷିତ ଭାବେ ନିଜ ମତଦାନ ସାବ୍ୟସ୍ତ କରିବେ ସେ ନେଇ ପୋଲିସ ପକ୍ଷରୁ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିବା ଥାନା ଅଧିକାରୀ ମେଲକା କହିଛନ୍ତି।

### ବିଦ୍ୟାଳୟ ଯିବାକୁ କହିବାରୁ ବିଷ ପିଇ ଛାତ୍ରୀଙ୍କ ଆତ୍ମହତ୍ୟା

ମାଲକାନଗିରି,୧୩ା୨ (ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ମହକୁମା ସିନ୍ଧିମାଳ ପଞ୍ଚାୟତ ଭିମାରାଙ୍ଗିଣୀ ଗ୍ରାମର ଜଣେ ନବମ ଶ୍ରେଣୀର ଛାତ୍ରୀ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ଶୁକ୍ରବାର ତାଙ୍କୁ ସ୍କୁଲ ଯିବାକୁ କହିବାରୁ ସେ ସ୍କୁଲ ଯିବାକୁ ମନା କରି ରାତିରେ ବିଷ ପିଇ ଦେଇଥିଲେ। ସେ ହେଉଛନ୍ତି ଗ୍ରାମର ମନିନ୍ଦ୍ର ରାୟଙ୍କ ଝିଅ ଅନା ରାୟ। ଅନା ସତୀଗୁଡା ବାଳିକା ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଗତ ଦୁଇବର୍ଷ ଧରି କୋଭିଡ୍ କଟକଣା ହେତୁ ବିଦ୍ୟାଳୟ ବନ୍ଦ ଥିବାରୁ ସେ ଘରେ ରହୁଥିଲେ। ତେବେ ସରକାର ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିବା ପରେ ପରିବାର ଲୋକେ ତାଙ୍କୁ ବିଦ୍ୟାଳୟ ଯିବାକୁ କହିଥିଲେ। ଏଥିରେ ଅନା ରାଜି ହୋଇ ନ ଥିଲେ। ଶୁକ୍ରବାର ରାତିରେ ସେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡାକ୍ତର ଅନିଲ୍ କୁମାର ମିଶ୍ର କହିଛନ୍ତି।

### ଭୋଟ ପାଇଁ ଦିଆଗଲା ରସ ହଣ୍ଡା

ଚକାପାଦ, ୧୩ା୨(ଡି.ଏନ୍.ଏ.)- ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ କନ୍ଧମାଳ ଜିଲାର ଚକାପାଦ ବ୍ଲକ ଅନ୍ତର୍ଗତ କଖାରୁଝୁଲା ପଞ୍ଚାୟତରେ ଶନିବାର ରାତିରେ ଲାଣ୍ଡି କୁସୁମ ଗ୍ରାମରେ ଥିବା ଏକ ମଣ୍ଡପରେ ୧୧ ଟି ରସ ହଣ୍ଡା ରଖାଯାଇଥିଲା। ଉକ୍ତ ହଣ୍ଡା ଗୁଡ଼ିକୁ ଭୋଟ ଦେବା ପାଇଁ ପ୍ରଲୋଭନ ଦେଖାଇ, ଭୋଟର ମାନଙ୍କର ଗାଁ ଗାଁକୁ ଦିଆଯାଉଛି। ଏ ନେଇ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ଜଣେଇବା ପରେ, ଚକାପାଦ ଥାନାଧିକାରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ ଜଣେ ହୋମ ଗାର୍ଡକୁ ପଠେଇ ତାହା ତଦାରଖ କରିଥିଲେ। ହୋମ ଗାର୍ଡ ଦସ୍ତାଗୁଡ଼ିକ ଦେଖିଲା ପରେ, ଫୋନ ମାଧ୍ୟମରେ ଥାନାଧିକାରୀଙ୍କୁ ଜଣାଇଥିଲେ। ଏଯାଏ କଛି ପଦକ୍ଷେପ ଗ୍ରହଣ ହୋଇ ନ ଥିବାର ଜଣାପଡ଼ିଛି।

## ପୁରୁଣା ପ୍ରାଥମିକ ବିଦ୍ୟାଳୟରେ ଅଗ୍ନିକାଣ୍ଡ



ପଡିଆ, ୧୩ା୨(ଡି.ଏନ.ଏ.)

ମାଲକାନଗିରି ଜିଲା ପଡ଼ିଆ ବ୍ଲକ ମାଟେରୁ ପଞ୍ଚାୟତ ସଦରରେ ଥିବା ପୁରୁଣା ପ୍ରାଥମିକ ବିଦ୍ୟାଳୟରେ ଅଗ୍ନିକାଣ୍ଡ ଘଟି ବହୁ ଦରକାରୀ କାଗଜପତ୍ର ସହ ବହିପତ୍ର ପୋଡ଼ିଯାଇଛି। ଖବରପାଇ ଅଗ୍ନିଶମ ବିଭାଗ ଅଧିକାରୀ ବୀରେନ୍ଦ୍ର କୁମାର ସିଂଙ୍କ ତତ୍ତ୍ୱାବଧାନରେ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

## ସର୍ଟ ଶର୍କିଟରେ ଘର ଜଳିଗଲା

ବଲସକୁମ୍ପା,୧୩ା୨

ଖଜୁରିପଡ଼ା ତହସିଲ ଅନ୍ତର୍ଭୁକ୍ତ ଆର୍. ନୂଆଗାଁ କଲରାପାଜୁ ଗ୍ରାମର ପ୍ରହଲ୍ଲାଦ କହଁର (୫୫)ଙ୍କ ଘର ରବିବାର ଅପରାହ୍ନରେ ବିଦ୍ୟୁତ୍ ସର୍ଟର୍ଶର୍କିଟ ଯୋଗୁ ଜଳିଯାଇଥିଲା। ଅଗ୍ନିକାଣ୍ଡରେ ଲୁଗାପଟା, ଧାନ, ଚାଉଳ ସମେତ ୪୫ ହଜାର ଟଙ୍କା, କାଗଜ ପତ୍ର, ସୁନା ମାଳି ଦୁଇ ଗୋଟି ଓ ନିତ୍ୟ ବ୍ୟବହାର୍ଯ୍ୟ ଘରର ଆସବାବ ପତ୍ର ସବୁ ପୋଡ଼ି ପାଉଁଶ ହୋଇଯାଇଥିବା ପ୍ରହ୍ଲାଦ କହଁର କହିଛନ୍ତି। ଘରେ ରହୁଥିବା ଚାରି ପ୍ରାଣୀ କୁଟୁମ୍ବ ଗାଧୋଇବା ପାଇଁ ନଦୀକୁ ଯାଇଥିବା ବେଳେ ଘର ଜଳିଯାଇଛି। ଖଜୁରିପଡ଼ା ଦମକଳ ବାହାନି ପହଞ୍ଚି ନିଆଁ ଲିଭାଇଥିଲେ। ରାଜସ୍ୱ ନୀରିକ୍ଷକ ଅଧିକାରୀ ରିତାଞ୍ଜଳି କହଁର ଏବଂ ୱାର୍ଡ ମେମ୍ବର ନିରୁପମା ଗଣ୍ଡା ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ଖଜୁରୀପଡ଼ା ତହସିଲକୁ ରିପୋର୍ଟ ପଠାଇବା ସହିତ ଅସହାୟ ପରିବାରକୁ ପଲିଥିନ ଏବଂ କିଛି ସୁଖା ଖାଦ୍ୟ ସହିତ ରାଶନ ସାମଗ୍ରୀ ଯୋଗାଇଥିବା ରାଜସ୍ୱ ନିରୀକ୍ଷକ ଅଧିକାରୀ ସୂଚନା ଦେଇଛନ୍ତି।

## ୪୦ ବର୍ଷ ଧରି ରେଡିଓ ଶୁଣୁଛନ୍ତି ସୁରେନ୍ଦ୍ର

**ବିଶ୍ୱ ରେଡିଓ ଦିବସ**

ମାଲକାନଗିରି,୧୩ା୨ (ଡି.ଏନ.ଏ.)

ରବିବାର ଥିଲା ବିଶ୍ୱ ରେଡିଓ ଦିବସ। ଫେବୃଆରୀ ୧୩କୁ ଜାତିସଂଘ ଦ୍ୱାରା ବିଶ୍ୱ ରେଡିଓ ଦିବସ ପାଳିତ ହେଉଛି। ଯେଉଁ ସମୟରେ ଫେସବୁକ୍, ହ୍ୱାଟ୍ସଅପ୍ ଓ ଟେଲିଭିଜନ ପ୍ରଭାବ ନ ଥିଲା ସେହି ସମୟରୁ ଲୋକମାନେ ରେଡିଓ ମାଧ୍ୟମରେ ସମସ୍ତ ଖବର ପାଉଥିଲେ। ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଶୁଣୁଥିଲେ। ମାଲକାନଗିରି ସଦର ମହକୁମାର ସୁରେନ୍ଦ୍ର ବେହେରା ବର୍ତ୍ତମାନ ସମୟରେ ମଧ୍ୟ ରେଡିଓ ଶୁଣୁଛନ୍ତି। ବୃତ୍ତିରେ ଜଣେ ଦର୍ଜି ହୋଇଥିବା ସୁରେନ୍ଦ୍ରଙ୍କ ରେଡିଓ ପ୍ରତି ଦୀର୍ଘ ୪୦ ବର୍ଷ ହେଲା ଦୁର୍ବଳତା ରହିଛି। ରେଡିଓରୁ ପ୍ରତ୍ୟେହ ଖବର ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ଶୁଣିବାକୁ ସେ ପସନ୍ଦ କରନ୍ତି। ନିଜ ସିଲେଇ ମେଶିନ୍ ଚଳାଇବା ସମୟରେ ମଧ୍ୟ ତାଙ୍କ ପାଖରେ ରେଡିଓ ବାଜୁଥାଏ। ଅନ୍ୟମାନଙ୍କୁ ରେଡିଓ ଶୁଣିବାକୁ ପରାମର୍ଶ ଦେଉଥିବା ସୁରେନ୍ଦ୍ରଙ୍କୁ ଲୋକେ ରେଡିଓ ଦର୍ଜି ବୋଲି ମଧ୍ୟ କହିଥାନ୍ତି। ତେବେ ଏଥିରେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥାନ୍ତି ସେ।


ସିଲେଇ କରୁଥିବା ବେଳେ ରେଡିଓ ଶୁଣୁଛନ୍ତି ସୁରେନ୍ଦ୍ର।

## ଘାଟିରେ ଭ୍ୟାନ ଓଲଟି ଜଣେ ମୃତ, ୮ ଆହତ

ବୈପାରିଗୁଡା,୧୩ା୨ (ଡି.ଏନ୍.ଏ.)

ବୈପାରିଗୁଡା ଥାନା ଅନ୍ତର୍ଗତ ବୋଦାପୁଟ ପଞ୍ଚାୟତ ଡୋକରିପଡା ଘାଟିରେ ରବିବାର ଏକ ପିକ୍‌ଅପ୍ ଭ୍ୟାନ ଓଲଟି ଜଣଙ୍କର ମୃତ୍ୟୁ ହୋଇଛି। ୮ ଜଣ ଆହତ ହୋଇଛନ୍ତି। ମୃତକ ହେଲେ କାତପଡା ଗ୍ରାମର ସମରା ପାଙ୍ଗି(୪୫)। ଖବରରୁ ଜଣାପଡିଛି, ବୋଦାପୁଟ ପଞ୍ଚାୟତର କାଳିଆଗୁଡାଠାରେ ବିଜେଡି ପକ୍ଷରୁ ହେଉଥିବା ଏକ ବୈଠକରେ ଯୋଗ ଦେବାକୁ ଅନ୍ୟମାନଙ୍କ ସହ ସମରା ଏକ ପିକ୍‌ଅପ୍ ଭ୍ୟାନରେ ଯାଉଥିଲେ। ଡୋକରିପଡା ଘାଟିରେ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଘଟଣାସ୍ଥଳରେ ସମରାଙ୍କ ମୃତ୍ୟୁ ହୋଇଯାଇଥିଲା। ଆହାତମାନଙ୍କୁ ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମିକ ଚିକିତ୍ସା କରିବା ପରେ ୨ ଜଣ ଶୁକ ପାଙ୍ଗି ଓ ପୀତବାସ ମାଳିଙ୍କୁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବୈପାରିଗୁଡା ପୋଲିସ୍ ମୃତଦେହ ବ୍ୟବଚ୍ଛେଦ କରିବା ପରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ଅଶ୍ୱିନ ପଟ୍ଟନାୟକ କହିଛନ୍ତି। ଏହି ଖବର ଜାଣିବା ପରେ କୋରାପୁଟ ବିଧାୟକ ରଘୁରାମ ପଡାଲ ଓ ଜିଲା ପରିଷଦ ଜୋନ୍-୨ ପ୍ରାର୍ଥୀ କମଳା ନାୟକ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦେଇଛନ୍ତି।

## ୪ ବର୍ଷର ରୁଦ୍ରାଂଶଙ୍କୁ ୨ ରୌପ୍ୟ ପଦକ

**ଅଖିଳ ଭାରତ ଓପନ କରାଟେ ଚାମ୍ପିୟନଶିପ**

ସୁନାବେଡା,୧୩ା୨(ସ୍ୱ. ପ୍ର.)

ହାଲ୍ ସୁନାବେଡା ଟାଉନଶିପର ୪ ବର୍ଷ ବୟସର ରୁଦ୍ରାଂଶ କୁମାର ସାମଲ ଏକାଦଶ ଅଖିଳ ଭାରତ ଓପନ କରାଟେ ଚାମ୍ପିୟନଶିପ-୨୦୨୧ ପ୍ରତିଯୋଗିତାରେ ୨ଟି ରୌପ୍ୟ ପଦକ ଜିତିଛନ୍ତି। ଏହି କୃତିତ୍ୱ ହାସଲ କରିବାରେ ଓଡ଼ିଶାରେ ସେ ହେଉଛନ୍ତି ସର୍ବ କନିଷ୍ଠ କରାଟେକା। ଏହି ସର୍ବଭାରତୀୟ ପ୍ରତିଯୋଗିତା ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱରଠାରେ ଗତ ଡିସେମ୍ବର ୨୬ ରୁ ୨୮ ପର୍ଯ୍ୟନ୍ତ ତିନିଦିନ ଧରି ହୋଇଥିଲା। ଏବେ ଏହାର ଫଳାଫଳରୁ ରୁଦ୍ରାଂଶଙ୍କୁ ୨ଟି ରୌପ୍ୟ ପଦକ ମିଳିଥିବା ଜଣାପଡିଛି। ମାଆ ରାଣୀ ଇତିଶ୍ରୀ ମହାପାତ୍ର ଏବଂ ବାପା ରାଜେନ୍ଦ୍ର କେଶରୀ ସାମଲଙ୍କ ପୁଅ ରୁଦ୍ରାଂଶ ୬ ବର୍ଷ ବୟସର କ୍ୟାଟେଗୋରି କୁମୁଟେ(ଫାଇଟ)ରେ ଗୋଟିଏ ରୌପ୍ୟ ପଦକ ପାଇଥିବା ବେଳେ ଆଉ ଗୋଟିଏ ରୌପ୍ୟ ପଦକ କାଟାରେ ପାଇଛନ୍ତି। ବର୍ତ୍ତମାନ ରୁଦ୍ରାଂଶ ହାଲ୍ ଭିଏସ୍ ବିଦ୍ୟାଳୟରେ ଏଲ୍‌କେଜିରେ ଅଧ୍ୟୟନ କରୁଛନ୍ତି। ୨ ବର୍ଷ ବୟସରୁ ସେ ଉତ୍କଳ କରାଟେ ସ୍କୁଲ ସେମିଳିଗୁଡ଼ାରେ କରାଟେ ଅଭ୍ୟାସ କରୁଛନ୍ତି।



ରୁଦ୍ରାଂଶ

## ୧୯୬ କେଜି ଗଞ୍ଜେଇ ଜବତ, ଚାଲାଣକାରୀ ଚମ୍ପଟ

ଗୋପାଳପୁର,୧୩ା୨(ଡି.ଏନ.ଏ.)

୧୬ନଂ ଜାତୀୟ ରାଜପଥ ହରିପୁର ଛକ ନିକଟରେ ଗୋଳନ୍ଥରା ଥାନା ପୋଲିସ ରବିବାର ୧୯୬ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରିଥିବା ବେଳେ ଚାଲାଣକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଛନ୍ତି। ଏକ ଇନୋଭା (ନଂ ଏମଏଚ୍ ୧୫ବିଏକ୍ସ୪୭୩୧) ଯୋଗେ ଗଞ୍ଜେଇ ବ୍ରହ୍ମପୁରରୁ ଆନ୍ଧ୍ରକୁ ଯାଉଥିବା ବେଳେ ହରିପୁର ଛକ ନିକଟରେ କାରଟି ଭାରସାମ୍ୟ ହରାଇ ଡିଭାଇଡରକୁ ପିଟି ହୋଇଯାଇଥିଲା। ପଛପଟୁ ଆସୁଥିବା ପୋଲିସ ପାଟ୍ରୋଲିଂ ଗାଡ଼ିକୁ ଦେଖି ଚାଲାଣକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୋଲିସ ଉକ୍ତ ଗାଡ଼ିକୁ ତନଖି କରି ଗଞ୍ଜେଇ ଜବତ କରିଥିଲା।

## ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ: ୧୪ରୁ ପ୍ରଚାର ବନ୍ଦ

ମାଲକାନଗିରି,୧୩ା୨ (ଡି.ଏନ୍.ଏ.)

**ନିର୍ବାଚନକୁ ଶାନ୍ତି ଶୃଙ୍ଖଳାରେ ଶେଷ କରିବାକୁ ସବୁ ପ୍ରସ୍ତୁତି ହୋଇଛି: ଏସ୍‌ପି**

ଆସନ୍ତା ୧୬ ତାରିଖରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ମାଲକାନଗିରି ବ୍ଲକରେ ଅନୁଷ୍ଠିତ ହେବ। ବ୍ଲକରେ ୧୯ଟି ପଞ୍ଚାୟତରେ ୨୬୪ଟି ବୁଥ୍‌ରେ ଭୋଟରମାନେ ମତଦାନ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୋମବାରଠାରୁ ଏହି ପଞ୍ଚାୟତଗୁଡ଼ିକରେ ପ୍ରଚାର ବନ୍ଦ ହେବ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ମାଲକାନଗିରି ବ୍ଲକର ପ୍ରତ୍ୟେକ ପୋଲିଂ ଦଳରେ ୪ଜଣ ଲେଖାଏ କର୍ମଚାରୀ ପରିଚାଳନା କରିବାକୁ ନିୟୋଜିତ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜଣେ ପୋଲିସ କର୍ମଚାରୀ ରହିବା ସହ ପ୍ରତି ପଞ୍ଚାୟତରେ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ରଖାଯାଇଛି। ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ ବ୍ଲକର ବିଭିନ୍ନ ମତଦାନ କେନ୍ଦ୍ରରେ ନଜର ରଖିବେ। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଏସ୍‌ପି ନିତୀଶ୍ ୱାଧବାନି କହିଛନ୍ତି। ଜିଲାରେ ୨୯ଟି ବିଏସ୍‌ଏଫ୍, ପୋଲିସ, ଏସ୍‌ଟିଏଫ୍, ଗ୍ରେହାଉଣ୍ଡ ଟିମ୍ ଗଠନ କରାଯାଇଛି। ବିଶେଷ କରି ସ୍ୱାଭିମାନ ଅଞ୍ଚଳରେ ୮୮ଟି ସମ୍ବେଦନଶୀଳ ବୁଥ୍ ପାଇଁ ସ୍ୱତନ୍ତ୍ର ପୋଲିସ ଟିମ୍ ମୁତୟନ ହୋଇଛନ୍ତି। ସୀମାନ୍ତ ଆନ୍ଧ୍ରର ପୋଲିସ ଓ ଗ୍ରେହାଉଣ୍ଡ ଏହି ନିର୍ବାଚନରେ ସହଯୋଗ କରି ସୀମାନ୍ତରେ ନଜର ରଖିବେ। ସେହିପରି ସୀମାନ୍ତ ଅଞ୍ଚଳର ପ୍ରବେଶପଥଗୁଡ଼ିକରେ ରବିବାରଠାରୁ ଗାଡିମୋଟରକୁ କଡାକଡି ଯାଞ୍ଚ କରାଯାଉଛି। ଛତିଶଗଡ ସୀମାନ୍ତ ଚଳାଣଗୁଡାଠାରେ ଏକ ଅସ୍ଥାୟୀ ପୋଲିସ କ୍ୟାମ୍ପ ପ୍ରତିଷ୍ଠା କରାଯାଇ ଛତିଶଗଡରୁ ଆସୁଥିବା ଗାଡିମୋଟର ଯାଞ୍ଚ କରାଯିବା ସହ ଅପରିଚିତ ଲୋକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଥିବା ଏସ୍‌ପି କହିଛନ୍ତି।

## କାୟାକଳ୍ପ ଟିମ୍‌ର ଏମ୍‌ଭି-୭୯ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ମାଲକାନଗିରି,୧୩ା୨ (ଡି.ଏନ.ଏ.)

ଏଡିଏମଓ ଡା. ଏସପି ମହାରଣା, କୋରାପୁଟର ୟୁନିସେଫ ଅଧିକାରୀ ନିହାର ରଞ୍ଜନ ଜେନା, ଶଶାଙ୍କ ଶେଖର ପଣ୍ଡିତଙ୍କୁ ନେଇ ଗଠିତ କାୟାକଳ୍ପ ଟିମ୍ ରବିବାର ମାଲକାନଗିରି ଜିଲା ଏମ୍‌ଭି-୭୯ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟସେବା ପରଖିବା ପାଇଁ ପ୍ରତିବର୍ଷ ହେଉଥିବା ଜାତୀୟ ସ୍ତରର କାୟାକଳ୍ପ ପ୍ରତିଯୋଗିତା ଲାଗି ଏହି ସ୍ୱାସ୍ଥକେନ୍ଦ୍ର ନିଜକୁ ପ୍ରସ୍ତୁତ କରିଛି। ପୂର୍ବବର୍ଷର ରେକର୍ଡ ଅତିକ୍ରମ କରିବାକୁ ଉଦ୍ୟମ ଜାରି ରଖିଛି। ଗତବର୍ଷ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚଳିତବର୍ଷ ପ୍ରଥମ ସ୍ଥାନ ଅଧିକାର ଲାଗି ଲକ୍ଷ୍ୟ ରଖିଛି। ଏଥିପାଇଁ ସ୍ୱାସ୍ଥକେନ୍ଦ୍ରର ସମସ୍ତ କର୍ମଚାରୀ ନିଜ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ଉତ୍ତମ ରୋଗୀ ସେବା, ଡାକ୍ତରଖାନା ପରିବେଶ, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ସୁସ୍ଥ ବାତାବରଣ, ପରିଷ୍କାର ପରିଚ୍ଛନ୍ନତା ସବୁ କ୍ଷେତ୍ରରେ ନିଷ୍ଠାର ସହ ଅକ୍ଳାନ୍ତ ପରିଶ୍ରମ କରି କର୍ମଚାରୀମାନେ ସଫଳତା ପାଇବାକୁ ଆଶା ରଖିଛନ୍ତି।



ଏମ୍‌ଭି-୭୯ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିବା କାୟାକଳ୍ପ ଟିମ୍।

## ରେଡ୍‌କ୍ରସ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ପ୍ରୟାସ

ଜୟପୁର,୧୩ା୨ (ନି.ପ୍ର.)

ବିଦ୍ୟାଳୟ ସ୍ତରରୁ ରେଡ୍‌କ୍ରସ କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବା ପାଇଁ କୋରାପୁଟ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଜିଲା ଜୁନିୟର ରେଡ଼କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ପ୍ରୟାସ ଆରମ୍ଭ କରିଛନ୍ତି। ସେ ବୋରିଗୁମ୍ମା ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ବୋରିଗୁମ୍ମା, ସରକାରୀ ଉଚ୍ଚ ବିଦ୍ୟାଳୟ ଆଉଁଳି, ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବିଜାପୁର, ଉନ୍ନୀତ ଉଚ୍ଚ ବିଦ୍ୟାଳୟ କଣାଗାଁ, ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଚାଲାଣଗୁଡା, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶଶାହାଣ୍ଡି, ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଡେଙ୍ଗପଦର ଓ ପର୍ଲି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟଗୁଡିକର ଜୁନିୟର ରେଡ଼କ୍ରସ କାର୍ଯ୍ୟ ତଦାରଖ କରିଥିଲେ। ଏହି ଅବସରରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବିଜାପୁର ଠାରେ ନୂତନ ଭାବେ କନିଷ୍ଠ ରେଡ଼କ୍ରସ ଶାଖା ଗଠନ କରାଯାଇଥିଲା। ବିଦ୍ୟାଳୟମାନଙ୍କରେ କିଭଳି ଜୁନିୟର ରେଡ଼କ୍ରସ କମିଟି ଗଠନ ହେବ, ରେଡ଼କ୍ରସର ବିଭିନ୍ନ କାର୍ଯ୍ୟକ୍ରମ କରାଯାଇପାରିବ ସେ ନେଇ ପଣ୍ଡା ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀମାନଙ୍କ ସହ ଆଲୋଚନା କରିଥିଲେ।

## ସାପ୍ତାହିକ ହାଟ ପାଲଟିଛି ପ୍ରଚାରର ମୁଖ୍ୟ ମାଧ୍ୟମ

ନାରାୟଣପାଟଣା,୧୩ା୨(ଡି.ଏନ୍.ଏ.)

ନାରାୟଣପାଟଣା ସାପ୍ତାହିକ ହାଟରେ ରବିବାର ତିନି ଦଳ ସମେତ ସ୍ୱାଧୀନ ପ୍ରାର୍ଥୀଙ୍କ କର୍ମୀ ନିଜ ନିଜର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ହାଟକୁ ଆସୁଥିବା ଲୋକଙ୍କୁ ଭୋଟ ଦେବାକୁ ନିବେଦନ କରୁଥିବା ଦେଖିବାକୁ ମିଳିଛି। ନାରାୟଣପାଟଣା ବ୍ଲକର ଗୋଟିଏ ମାତ୍ର ଜିଲା ପରିଷଦ ଆସନ ପାଇଁ ଆସନ୍ତା ୨୨ରେ ଭୋଟ ହେବ। ବିଜେଡିରୁ ପ୍ରାର୍ଥୀ ହୋଇଥିବା ତିମୁଲି ମାଣ୍ଡିଙ୍ଗିଙ୍କ ଲାଗି ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ ଷ୍ଟାର କ୍ୟାମ୍ପେନେର ଭାବେ ଏକ ଶୋଭାଯାତ୍ରାରେ ଆସି ପ୍ରଚାର କରିଥିଲେ। ବିଜେଡି ଶାସନ କାଳରେ ହୋଇଥିବା ବିକାଶମୂଳକ ଯୋଜନା କହି ପ୍ରଚାର କରିଥିଲେ। ପ୍ରଚାରରେ ବ୍ଲକ ସଭାପତି ଏସ୍.ଏଗି, ପୂର୍ବତନ ଏମ୍‌ପି ଝିନ୍ନ ହିକକା, ବିଜେଡି ସାଧାରଣ ସମ୍ପାଦକ କୈଳାସ କୁଲେସିକା,ପର୍ଯ୍ୟବେକ୍ଷକ ଅଜିତ ନାଏକ, ବିଧାୟକ ପ୍ରତିନିଧି କେ. ଶାୟା ରାଜୁ, ପି. ଜନାର୍ଦ୍ଦନ ସୁବୁଦ୍ଧି ପ୍ରମୁଖ ସାମିଲ ହୋଇଥିଲେ। ପରେ ବ୍ଲକ ଭାଜପା ମଣ୍ଡଳ ସଭାପତି ସଂଜୟ କୁମାର ବିଡିକାଙ୍କ ନେତୃତ୍ୱରେ ହାଟରେ ଭାଜପା ପ୍ରାର୍ଥୀ ମିନାକ୍ଷୀ ତାଡିଙ୍ଗୀଙ୍କ ପାଇଁ ପ୍ରଚାର କରାଯାଇଥିଲା। ଭାଜପାର କୃଷ୍ଣ ହବିକା, ବିଦ୍ୟା ଶିରିକା, ବିଟୁ ମିଣିଆକା, ଉପେନ୍ଦ୍ର ମିଣିଆକା, ରମେଶ ଦାସ୍, ଏ କୁମାର ସେଠୀ, ଲିଙ୍ଗୁ ସାଉନ୍ତା, ମାଳତି ମିଣିଆକାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। କଂଗ୍ରେସ ପକ୍ଷରୁ ଜିଲା ପରିଷଦ ପ୍ରାର୍ଥୀ ରାମ୍ଭୋ ଶିରିକାଙ୍କ ପାଇଁ ହାଟରେ ପ୍ରଚାର କରାଯାଇଥିଲା। ଅଜିତ ଦାସ, ପବିତ୍ର ସାଉନ୍ତା, ଅଭିମନ୍ୟୁ ସାହୁ ,ଅନିଲ ସୁବୁଦ୍ଧି, ମଣ୍ଟି ଖରା,ବିଭିଷଣ ମହାନନ୍ଦିଆ, କୁନୁପଲି ସୁରେନ୍ଦ୍ର, ସପନ ସରିତ ତୁରୁକ୍ ପ୍ରମୁଖ ସାମିଲ ହୋଇଥିଲେ। ଶେଷରେ ସ୍ୱାଧୀନ ପ୍ରାର୍ଥୀ ନାଚିକା ଲିଙ୍ଗା ମଧ୍ୟ ହାଟରେ ନିଜ ପ୍ରଚାରକୁ ଜୋରଦାର କରିଥିଲେ। ନିଜର ଶତାଧିକ ସମର୍ଥକଙ୍କ ସହ ନାଚିକା ପ୍ରଚାର କରି ମତଦାତାଙ୍କୁ ଭୋଟ ମାଗିଥିଲେ। ଥାନା ଛକ, ମେଡିକାଲ ଛକ, ରଥ ଛକରେ ନାଚିକା ପ୍ରଚାର କରିଥିଲେ।


ବିଜେଡି ପକ୍ଷରୁ ସାପ୍ତାହିକ ହାଟରେ ପ୍ରଚାର କରାଯାଉଛି।

## ବନ୍ୟଜନ୍ତୁ ଶିକାର ନ କରିବାକୁ ଶପଥ ନେଲେ ଗ୍ରାମବାସୀ

ମାଲକାନଗିରି,୧୩ା୨ (ଡି.ଏନ.ଏ.)-

**ବଣ୍ଡାଘାଟିରେ ସଚେତନତା ସଭା**

ଖଇରପୁଟ ବ୍ଲକର ବଣ୍ଡାଘାଟିର ମୁଦୁଲିପଡା ପଞ୍ଚାୟତର ବନ୍ଧଗୁଡା ଗ୍ରାମରେ ରବିବାର ମାଥିଲି ବାନାଞ୍ଚଳ ପକ୍ଷରୁ ଏକ ଜଙ୍ଗଲ ନିଆଁ ଓ ବନ୍ୟ ପ୍ରାଣୀ ଶିକାର ନିରୋଧ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲରେ ନିଆଁ ନ ଲଗାଇବା ଏବଂ ବନ୍ୟଜନ୍ତୁ ଶିକାର ନ କରିବାକୁ ଗ୍ରାମବାସୀ ଗ୍ରାମ ଦେବୀଙ୍କୁ ସାକ୍ଷୀ ରଖି ଶପଥ ପାଠ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ମୁଖ୍ୟଅତିଥି, ଆମ ଜଙ୍ଗଲ ଯୋଜନାର କର୍ମୀ କିଶୋର କୁମାର ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଙ୍ଗଲ ନିଆଁର ଅପକାରିତା, ସମସ୍ୟା ଓ ଜଙ୍ଗଲ ଜୀବଜନ୍ତୁ ଶିକାର ନିରୋଧ ସମ୍ପର୍କରେ ବୁଝାଇଥିଲେ। ଏନେଇ ରହିଥିବା ଜୀବଜନ୍ତୁ ସୁରକ୍ଷା ଆଇନ ନେଇ ସୂଚନା ଦେଇ ବନାଞ୍ଚଳ ଅଧିକାରୀ ନାୟକ ଜଙ୍ଗଲ ନିଆଁକୁ କିପରି ଆୟତ କରାଯାଇପାରିବ ସେନେଇ ଡେମନଷ୍ଟ୍ରେଶନ ମାଧ୍ୟମରେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ସେହିପରି ଗୋବିନ୍ଦପାଲି ବନପାଳ ଫକୀର ଚରଣ ମାହାଲି ଜୀବଜନ୍ତୁ ଶିକାର କଲେ ଏନେଇ ରହିଥିବା ଦଣ୍ଡବିଧାନ ଏବଂ ଜଙ୍ଗଲ ଜୀବଜନ୍ତୁ ଆକ୍ରମଣରେ କେହି ମୃତ୍ୟୁବରଣ କଲେ ରହିଥିବା ସରକାରୀ ସହାୟତା ବିଷୟରେ ପ୍ରକାଶ କରିଥିଲେ। ପରେ ବନାଞ୍ଚଳ ଅଧିକାରୀମାନେ ବନ ସୁରକ୍ଷା ସମିତି ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ ଅଧିକାରୀ ହୃଷୀକେଶ ପଣ୍ଡା ବଂଶୀଧର ଅନୁଗୁଲିଆ, ସୁରଜ ମାଝୀ, ଏସ୍କେ ରଜେଦ ବକ୍ସ, ସନ୍ତୋଷ ନାହାକ, ବନରକ୍ଷୀ ହାଡ଼ି ମୁଦୁଲି, ବନ ସହାୟକ ବନ୍ଧଗୁଡ଼ା ଗ୍ରାମର ଅନିମେଟର ସୁରଜ୍ ଧାଙ୍ଗଡମାଝି, ରଞ୍ଜିତ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।


ଜଙ୍ଗଲରେ ନିଆଁ ନ ଲଗାଇବା ଏବଂ ପଶୁ ଶିକାର ନ କରିବାକୁ ଗ୍ରାମବାସୀ ଶପଥ ନେଉଛନ୍ତି।

## ସଂକ୍ଷେପରେ

### ୩ ଜଣଙ୍କ ନାମରେ ମାମଲା ରୁଜୁ
### କଂଗ୍ରେସର ପ୍ରଚାର ଗାଡ଼ି ଭାଙ୍ଗିବା ଘଟଣା

ପାପଡାହାଣ୍ଡି,୧୩।୨(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜିଲା ପରିଷଦ ଜୋନ୍-୨ ପ୍ରାର୍ଥୀ ଡାକ୍ତର ଲିପିକା ମାଝିଙ୍କ ପ୍ରଚାର ଗାଡିକୁ ଶନିବାର ଢେଲା ପଥର ମାରିବା ଘଟଣାରେ ପୋଲିସ ୩ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ସେମାନେ ହେଲେ ଶରତ ବେନିଆ, ବାବୁନା ବେନିଆ ଓ ଭାସ୍କର ବିଷୋୟୀ। ସୂଚନାନୁଯାୟୀ, ଲିପିକାଙ୍କ ପ୍ରଚାର ଗାଡି ଚନ୍ଦ୍ରପୁର ପଞ୍ଚାୟତରେ ପ୍ରଚାର କରି ଘୁସରାବେଢା ରାସ୍ତାରେ ଯିବା ସମୟରେ ଗାଡିକୁ ଭଙ୍ଗା ରୁଜା କରାଯାଇଥିଲା। ଏ ନେଇ ଜିଲା ପରିଷଦ ଜୋନ୍ ୨ ପ୍ରାର୍ଥୀ ଲିପିକା ପାପଡାହାଣ୍ଡି ଥାନାରେ ଏତଲା ଦେଇଥିଲେ। ପୋଲିସ କେସ ନମ୍ବର ୨୪/୨୨ରେ ମାମଲା ରୁଜୁ କରିଛି। ଏସ୍ଆଇ ଶିବାଜୀ ପଣ୍ଡା ଏହାର ତଦନ୍ତ କରୁଛନ୍ତି।

### ସଲପ ତାଡ଼ି ଚାଲାଣବେଳେ ଜଣେ ଗିରଫ

ପାପଡାହାଣ୍ଡି,୧୩।୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ହାଟପଦା ରାସ୍ତାରେ ବାଇକରେ ସଲପ ତାଡ଼ି ଚାଲାଣବେଳେ ପୋଲିସ ଜଣଙ୍କୁ ଗିରଫ କରିଛି । ସେ ହେଲେ ବରୁଣ ଗୁପ୍ତା। ନବରଙ୍ଗପୁର ଜିଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶରେ ନବରଙ୍ଗପୁର ଇନ୍ସିପେକ୍ଟର ସୁଧୀର କୁମାର ସାହୁ ଓ ପାପଡାହାଣ୍ଡି ଓଆଇସି ଅମୀୟ ଖଞ୍ଜ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ବାଇକ(ଓଡି-୨୪ଇ-୦୬୫୬)ରେ ଅଭିଯୁକ୍ତ ବରୁଣ ସଲପ ତାଡି ନେଇ ଯାଉଥିବାବେଳେ ଧରାପଡିଥିଲେ। ତାଙ୍କଠାରୁ ୩୬ଲିଟର ସଲପ ତାଡ଼ି ଜବତ କରାଯାଇଛି। ପାପଡାହାଣ୍ଡି ଅବକାରୀ କାର୍ଯ୍ୟାଳୟକୁ ତାଙ୍କୁ ଅଣାଯାଇଥିଲା। ପରେ ନୋଟିସ ଦେଇ ଅଭିଯୁକ୍ତଙ୍କୁ ଛଡା ଯାଇଛି। ଚଢ଼ାଉ ବେଳେ ରଞ୍ଜି ଯାନୀ, ଗୋତୁଲ ନାୟକ, ସୋନୁ ସେଠିଆ ଓ ସଦାଶିବ ଭତରା ପ୍ରମୁଖ କର୍ମଚାରୀ ସାମିଲ ଥିଲେ।

### ୩ କି.ମି. ଖଟିଆରେ ବୁହା ହେଲେ ଗର୍ଭବତୀ

ସଜନାଗଡ, ୧୩।୨(ଡି.ଏନ.ଏ.)-ଦୁର୍ଗମ ରାସ୍ତା ଯୋଗୁ ଜରୁରୀ ସମୟରେ ରୋଗୀମାନେ ଡାକ୍ତରଖାନାରେ ପହଞ୍ଚି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଗର୍ଭବତୀମାନେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ସିଆଡିମାଳ ପଞ୍ଚାୟତ ବାଙ୍କୀଶୋଳ ଗ୍ରାମରେ। ଗ୍ରାମର ତୁଫାନ ସିଂଙ୍କ ସ୍ତ୍ରୀ ବାସନ୍ତୀ ଦୁଇଦିନ ତଳେ ନିଜ ବାପଘର ସାନ୍ଧୁରିୟା ଗ୍ରାମକୁ ଆସିଥିଲେ। ରବିବାର ସନ୍ଧ୍ୟାରେ ତାଙ୍କର ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ଗର୍ଭଯନ୍ତ୍ରଣା ବଢ଼ିବା ସହିତ ଛଟପଟ ହେବାରୁ ପରିବାର ଓ ଗାଁ ଲୋକେ ତାଙ୍କୁ ମେଡିକାଲ ଆଣିବାକୁ ଏକ ଅଟୋକୁ ଡାକିଥିଲେ। କିନ୍ତୁ ରାସ୍ତା ପାହାଡିଆ ଓ ଶୋଚନୀୟ ହୋଇଥିବାରୁ ବୁଗାଳିବନ୍ଧଠାରେ ଅଟୋ ଅଟକିଯାଇଥିଲା। ଗାଁଠୁ ୩ କି.ମି. ପାହାଡିଆ ରାସ୍ତା ପାର୍ କରି ଖଟିଆରେ ବୋହିଆଣି ବୁଗାଳିବନ୍ଧ ପହଞ୍ଚାଇଥିଲେ। ପରେ ଅଟୋରେ ଆଣି ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ଗର୍ଭବତୀଙ୍କ ଅବସ୍ଥା ଶୋଚନୀୟ ହୋଇଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରିଛନ୍ତି।

# ପଞ୍ଚାୟତ ନିର୍ବାଚନ: ହେଭିୱେଟ୍‌ଙ୍କ ପାଇଁ ସମ୍ମାନର ପ୍ରଶ୍ନ

**ବିଜୟ, ପରାଜୟ ଆଗାମୀ ରାଜନୀତି ଭବିଷ୍ୟତ ନିର୍ଦ୍ଧାରଣ କରିବ**

ଗୁଣପୁର,୧୩।୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ୧୬ରୁ ଆରମ୍ଭ ହେବ। ଏହି କ୍ରମରେ ରାୟଗଡ଼ା ଜିଲା ଗୁଣପୁର ନିର୍ବାଚନ ମଣ୍ଡଳୀ ଅଧୀନ ଚନ୍ଦ୍ରପୁରରେ ୧୬ ତାରିଖରେ ଭୋଟ ଗ୍ରହଣ ହେବ। ସେହିପରି ରାମନାଗୁଡ଼ା ଓ ଗୁଣପୁରରେ ୧୮ ଏବଂ ଗୁଡାରୀ ଓ ପଦ୍ମପୁର ବ୍ଲକରେ ୨୪ରେ ନିର୍ବାଚନ ହେବ। ଏଥିଲାଗି ଗାଁ ଦାଣ୍ଡ ଏବେ ପ୍ରଚାରରେ ଫାଟିପଡୁଛି। ପ୍ରାର୍ଥୀଙ୍କ ସହ ନେତା ଓ କର୍ମୀମାନେ ଘରକୁ ଘର ଯାଇ ପ୍ରଚାର ଚଳାଇଛନ୍ତି। ହେଲେ ଏହି ପ୍ରଚାର ତଥା ନିର୍ବାଚନ କେତେକ ହେଭିୱେଟ୍ ନେତାଙ୍କ ପାଇଁ ପ୍ରତିଷ୍ଠା ଏବଂ ସମ୍ମାନର ବିଷୟ ହୋଇଛି। ବିଜୟ ଓ ପରାଜୟ ଉପରେ ସେମାନଙ୍କ ଆଗାମୀ ରାଜନୈତିକ ଭବିଷ୍ୟତ ନିର୍ଭର କରୁଛି। ସେହି ନେତାମାନଙ୍କୁ ଆଗାମୀ ଦିନରେ ହେବାକୁ ଥିବା ପୌର ଓ ଏନ୍ଏସି ନିର୍ବାଚନ ନେଇ ଦାୟିତ୍ୱ ମିଳିବ କି ନାହିଁ, ବିଧାୟକ ଟିକେଟ ପାଇବେ ନାଁ ନାହିଁ ତାହାକୁ ନେଇ ଚର୍ଚ୍ଚା ଜୋର। ସେମାନଙ୍କ ପାଇଁ ଏହି ନିର୍ବାଚନ ରାଜନୀତି ଭବିଷ୍ୟତ ନିର୍ଦ୍ଧାରଣ କରିବ।

ବିଜେଡିର ସୁଧୀର ଦାସ ଦଳର ଜିଲା ସଭାପତି ସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ଅଛନ୍ତି। ତେଣୁ ତାଙ୍କୁ ଏହି ନିର୍ବାଚରେ ସଫଳ ହେବା ସହ ଜିଲା ପରିଷଦ ଅଧ୍ୟକ୍ଷ ଆସନ କବ୍‌ଜା କରିବା ବଡ଼ ଚ୍ୟାଲେଞ୍ଜ ହୋଇଛି। ଏହି ଚ୍ୟାଲେଞ୍ଜରେ ସେ କେତେଦୂର ସଫଳ ହେଉଛନ୍ତି ତାହା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହେବ। ଜିଲାରେ ବିଜେଡିର ହେଭିୱେଟ ନେତାମାନେ ରହିଥିଲେ ମଧ୍ୟ ସମସ୍ତଙ୍କୁ ଚକମା ଦେଇ ଗତ ଥର କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ ଜିଲା ପରିଷଦ ଅଧ୍ୟକ୍ଷ ପଦ ହାତେଇ ନେଇଥିଲେ। ଏବେ ପରିସ୍ଥିତି ବଦଳିଥିଲେ ମଧ୍ୟ ବିଜେଡି କିପରି ରଣନୀତି କରି ଅଧ୍ୟକ୍ଷ ପଦ ହାସଲ କରିବ ଏବଂ ଜିଲା ପରିଷଦ ସଭ୍ୟଙ୍କ ସଂଖ୍ୟା ବଢ଼ାଇବ ତାହା ଦଳ ପାଇଁ ଚ୍ୟାଲେଞ୍ଜ ହୋଇଛି।

ଗତ ପଞ୍ଚାୟତ ନିର୍ବାଚନରେ ୨୨ ଜିଲା ପରିଷଦ ଆସନରୁ କଂଗ୍ରେସ ୧୧, ବିଜେଡି ୭ ଏବଂ ଭାଜପା ୪ ଆସନରେ ବିଜୟୀ ହୋଇଥିଲା। କଂଗ୍ରେସ ଗତ ନିର୍ବାଚନରେ ୧୧ ଆସନ ଦଖଲ କରିବା ପରେ ଏବେ ବିଜେଡି ତଥା ଜିଲା ସଭାପତିଙ୍କ ପାଇଁ ବଡ ଚ୍ୟାଲେଞ୍ଜ ରହିଛି। ସେହିପରି ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମଧ୍ୟ ନିଜ ନିର୍ବାଚନ ମଣ୍ଡଳୀ ଯଥା ଗୁଣପୁର, ପଦ୍ମପୁର, ଗୁଡ଼ାରି, ରାମନାଗୁଡ଼ା ଏବଂ ଚନ୍ଦ୍ରପୁର ଅଞ୍ଚଳକୁ ବାରମ୍ବାର ଯାଇ ପ୍ରାର୍ଥୀଙ୍କ ସପକ୍ଷରେ ଜୋରଦାର ପ୍ରଚାର କରୁଛନ୍ତି। ଆଉ ଦୁଇ ବର୍ଷ ପରେ ସାଧାରଣ ନିର୍ବାଚନ। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଫଳାଫଳ ପରବର୍ତ୍ତୀ ଭାଗ୍ୟ ନିର୍ଦ୍ଧାରଣ କରିବ। ଗୁଣପୁର ନିର୍ବାଚନମଣ୍ଡଳୀରେ ବିଜେଡିରୁ ବିଧାୟକ ଜିତିଲେ ଦ୍ୱିତୀୟ ଥର ପାଇଁ ଟିକେଟ ନ ପାଇବା ନଜିର ରହିଛି। ଏହି ଧାରାରେ ସେ ଯୋଡ଼ି ହେଉଛନ୍ତି ନା ବିଧାୟକ ଟିକେଟ ପାଉଛନ୍ତି ତ୍ରିସ୍ତରୀୟ ପଞ୍ଚାୟତର ଫଳାଫଳ ଉପରେ ଭାଗ୍ୟ ନିର୍ଭର କରିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ସେହିପରି ପୁରୁଷୋତ୍ତମଙ୍କ ମୃତ୍ୟୁ ପରେ ଏବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ ଗୁଣପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ମଙ୍ଗ ଧରିଛନ୍ତି। ଦଳ ବିରୋଧୀ କାର୍ଯ୍ୟ ତଥା ଦଳୀୟ ପ୍ରାର୍ଥୀ ବିରୋଧରେ ଠିଆ ହୋଇ ବିଜୟ ଗମାଙ୍ଗ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିଲମ୍ବିତ ହୋଇଥିଲେ। ନିଲମ୍ବନ ହଟିବା ପରେ ଏବେ ସେ କଂଗ୍ରସରେ ଖୁବ୍ ସକ୍ରିୟ ଥିବାବେଳେ ଜୋର୍‌ଦାର ପ୍ରଚାର ଚଳାଇଛନ୍ତି। ପୁରୁଷୋତ୍ତମଙ୍କ ମୃତ୍ୟୁ ପରେ ଏବେ ବିଧାୟକ ପ୍ରାର୍ଥୀ ପାଇଁ ବିଜୟ ଗମାଙ୍ଗ ବଡ଼ ଦାବିଦାର ଥିବାବେଳେ ସେ ଏହାକୁ ନେଇ ଖୁବ୍ ଆଶାବାଦୀ ମଧ୍ୟ ରିହଛନ୍ତି। ତେଣୁ ପଞ୍ଚାୟତ ନିର୍ବାଚନରେ ପ୍ରତିଷ୍ଠାକୁ ବାଜି ଲଗାଇ ଦେଇଛନ୍ତି। ସେହିଭଳି ଆଗାମୀ ଦିନରେ ପୌର ନିର୍ବାଚନ ହେବାକୁ ଥିବାବେଳେ ଭାଜପାର ବରିଷ୍ଠ ନେତା ତଥା ଜିଲା ଉପସଭାପତି ୱାଇ.ଗଣପତି ତାଙ୍କ ସ୍ତ୍ରୀଙ୍କ ପାଇଁ ଅଧ୍ୟକ୍ଷ ଟିକେଟ କରାଇବା ପାଇଁ ଖୁବ ଆଶାବାଦୀ ରହିଛନ୍ତି। ସେ ମଧ୍ୟ ପ୍ରଚାର କାର୍ଯ୍ୟକୁ ଜୋର୍‌ଦାର କରିଛନ୍ତି। ସେହିଭଳି କଂଗ୍ରେସ ପାଇଁ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ମଧ୍ୟ ପ୍ରଚାରକୁ ଜୋର୍‌ଦାର କରିଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ କିଛି ଦିନ ହେଲା ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। କଂଗ୍ରେସର ଡ. ପୁରୁଷୋତ୍ତମଙ୍କ ମୃତ୍ୟୁ ପରେ ଏମ୍‌ପି ସପ୍ତଗିରି ଉଲାକାଙ୍କ ପାଇଁ ଜିଲା ପରିଷଦ ଦଖଲ କରିବା ସମ୍ମାନର ବିଷୟ ହୋଇଛି। ସେ ରାଜ୍ୟରୁ ଏକମାତ୍ର କଂଗ୍ରେସ ଏମ୍‌ପି ଏବଂ ଛତିଶଗଡର ପ୍ରଭାରୀ ମଧ୍ୟ ଅଛନ୍ତି। ଜିଲା ପରିଷଦ ପଦବୀ ଦଖଲ ତାଙ୍କ ପାଇଁ ସହାୟକ ହେଉଛି ନା ନାହିଁ ତାହା ଉପରେ ଏବେ ସମସ୍ତଙ୍କ ନଜର। ସେହିଭଳି ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ ପ୍ରଚାର ମଇଦାନକୁ ଓହ୍ଲାଇ ଥିବାବେଳେ ଭାଜପା ପାଇଁ କେତେ ଲାଭବାନ ତାହା ସମ୍ପ୍ରତି ଚର୍ଚ୍ଚାର ବିଷୟ ହୋଇଛି।

### ମାଛଧରା ଜାଲ ପୋଡ଼ିଦେଲେ ଦୁର୍ବୃତ୍ତ
### ରାଜନୈତିକ ଶତ୍ରୁତା ସନ୍ଦେହ

ଟିକିଟି,୧୩।୨(ଡି.ଏନ.ଏ.)

ଟିକିଟି ବ୍ଲକ ଅନ୍ତର୍ଗତ ପାଟିସୁନପୁର ଗ୍ରାମର ଶେଷ ମୁଣ୍ଡରେ ଥିବା ସାଇମନ୍ଦିର ନିକଟସ୍ଥ ଏକ ଘରେ ରଖାଯାଇଥିବା ମାଛଧରା ଜାଲକୁ କିଛି ଦୁର୍ବୃତ୍ତ ଶନିବାର ମଧ୍ୟରାତ୍ରରେ ପୋଡି ଦେଇଛନ୍ତି। ଏଥିରେ ୩ଜଣଙ୍କର ୩ଟି ଜାଲ ପୋଡି ପାଉଁଶ ହୋଇଯାଇଛି, ଯାହାର ଆନୁମାନିକ ମୂଲ୍ୟ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କହିଛନ୍ତି। କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀ ୱାଇ. ଓଲୟା ରବିବାର ସାମୁଦ୍ରିକ ଥାନାରେ ଏତଲା ଦେଇଛନ୍ତି। ନଂ. ୩/୨୨ ରୁଜୁ କରି ସାମୁଦ୍ରିକ ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ପ୍ରକାଶଥାଉ କି ପାଟିସୁନାପୁରର ୱାସପୁଲି ଓଲେୟା (୬୦) କରିଥିବା ଅଭିଯୋଗ ମୁତାବକ, ପାଟିସୁନାପୁରରେ ରହୁଥିବା ରଙ୍କନିଧି ପଲେଇ, ଡକ୍କୁ କୋଟେସ ଏବଂ ଦନାର୍ଦ୍ଧନ ଶନିବାର ବିଳମ୍ବିତ ରାତି ସାଢ଼େ ୧୨ଟା ସମୟରେ କିଛି ପ୍ରତ୍ୟକ୍ଷଦର୍ଶୀଙ୍କ ଉପସ୍ଥିତିରେ ଏକ ଘରେ ରଖାଯାଇଥିବା ୩୦ ଲକ୍ଷ ଟଙ୍କାର ମାଛଧରା ଜାଲକୁ ପେଟ୍ରୋଲ ଢାଳି ଜାଳିଦେଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ବେକରେ ମରଣାସ୍ତ୍ର ଦେଇ ଜୀବନରେ ମାରିବାକୁ ଧମକ ଦେବା ସହ କଥା ନ ଶୁଣିଲେ ଗ୍ରାମରେ ଆହୁରି ଆତଙ୍କ ସୃଷ୍ଟି କରାଯିବ ବୋଲି ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ଗ୍ରାମ ଲୋକଙ୍କ ଜୀବନ ପ୍ରତି ବିପଦ ରହିଥିବା ଦର୍ଶାଇ ତୁରନ୍ତ ଉକ୍ତ ତିନି ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ଦାବି କରାଯାଇଛି।

## ଡଙ୍ଗରିଆ କନ୍ଧଙ୍କ ଭୋଟ ହାତେଇବାକୁ ମାରାଥନ ପ୍ରଚାର

**ନିୟମଗିରିରେ ବିଜେଡି ବିଧାୟକ, ପ୍ରାର୍ଥୀ**

ବିଷମକଟକ,୧୩।୨

ପାକେଇ ଆସିଲାଣି ପଞ୍ଚାୟତ ନିର୍ବାଚନ। ସମସ୍ତ ଦଳର ହେବିୱଟ ନେତା ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଚଳାଇଛନ୍ତି। ଏହି କ୍ରମରେ ରାୟଗଡା ଜିଲା ବିଷମ କଟକ ବ୍ଲକ ଅଧୀନ ନିୟମଗିରି କୁର୍ଲ୍ଲୀ ପଞ୍ଚାୟତରେ ବିଜେଡି ରବିବାର ଜୋରଦାର ପ୍ରଚାର କରିଛି। ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଡଙ୍ଗରିଆ କନ୍ଧଙ୍କୁ ବୁଝାଇ ଭୋଟ ହାତେଇବାକୁ ଚେଷ୍ଟା କରୁଛନ୍ତି ପ୍ରାର୍ଥୀ।

ନିୟମଗିରି ଉପରେ ବସବାସ କରୁଥିବା ଆଦିମ ଜନଜାତି କଂଗ୍ରେସ ସମର୍ଥକ ଥିଲେ। କିନ୍ତୁ ୧୦ ବର୍ଷ ହେଲା ବିଏସ୍‌ପି ସେଠାରେ ନିଜ ଆଧିପତ୍ୟ ଜାହିର କରିଥିଲା। ଏହି ବିଏସ୍‌ପି ଗଡ଼ ଭାଙ୍ଗିବାକୁ ବିଜେଡି ମାରାଥନ ପ୍ରଚାର କରୁଛି। ବିରଳ ଜନଜାତି ଡଙ୍ଗରିଆ କନ୍ଧଙ୍କ ଭୋଟ ହାତେଇବା ପାଇଁ ନିୟମଗିରୀ ଅଞ୍ଚଳରେ ଘରେ ଘରେ ବୁଲି ଭୋଟ ଭିକ୍ଷା କରୁଛନ୍ତି ବିଧାୟକ ତଥା ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଜିଲା ପରିଷଦ 'କ' ଜୋନ୍ ବିଜେଡି ପ୍ରାର୍ଥୀ ସୁଜାତା କାଡ୍ରାକା। ଗତ ପଞ୍ଚାୟତ ନିର୍ବାଚନରେ ବିଷମକଟକ ବ୍ଲକର ୨ ଜିଲା ପରିଷଦ ଜୋନ୍‌ରେ ବିଜେଡିକୁ ନିରାଶ ହେବାକୁ ପଡିଥିଲା। ଦଳ ସଙ୍ଗଠନ ମଜଭୁତ କରି ନିର୍ବାଚନ ମଇଦାନକୁ ଓହ୍ଲାଇଛି। ଜିଲା ପରିଷଦ କ ଜୋନ୍ ପ୍ରାର୍ଥୀ ସୁଜାତା କାଡ୍ରାକା ପୂର୍ବରୁ ହାଟ ମୁନିଗୁଡା ପଞ୍ଚାୟତ ସରପଞ୍ଚ ଥିଲେ। 'ଖ' ଜୋନ ପ୍ରାର୍ଥୀ ବିଜୟ ଶାନ୍ତି କୁମ୍ଭରୁକା ବ୍ଲକ ଚେୟାରମ୍ୟାନ ଥିଲେ। ବିଷମକଟକ ବ୍ଲକରେ ୧୬ ତାରିଖରେ ମତଦାନ ହେବ। ଗତ ନିର୍ବାଚନରେ ବିଜେଡି ନେତା ଓ କର୍ମୀ ସରପଞ୍ଚ ପ୍ରାର୍ଥୀଙ୍କୁ ଜିତାଇବାକୁ ଅଧିକ ଧ୍ୟାନ ଦେବାରୁ ବିଷମକଟକ ବ୍ଲକର ଦୁଇଟି ଜିଲା ପରିଷଦ ଆସନରେ ଦଳକୁ ନିରାଶ ହେବାକୁ ପଡିଥିଲା। ଚଳିତଥର ଦଳୀୟ ନେତା ଲୋକଙ୍କ ନିକଟରେ ପହଞ୍ଚି ସେମାନ ସମସ୍ୟାର ସମାଧାନ କରୁଛନ୍ତି। ତେବେ ଦଳର ରଣନୀତି କାର୍ଯ୍ୟ କରୁଛି ନା ନାହିଁ ତାହା ଫଳାଫଳ ପ୍ରକାଶ ପାଇବା ପରେ ଜଣା ପଡିବ।



କୁର୍ଲି ପଞ୍ଚାୟତରେ ବିଷମକଟକ ବିଧାୟକ ଜଗନ୍ନାଇ ସାରକା ଓ ଜିଲା ପରିଷଦ ସଦସ୍ୟ ନର୍ବାଚନ ପ୍ରଚାର କରୁଛନ୍ତି।

## ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ହିସାବର ସମୀକ୍ଷା



ବୈଠକରେ ଅଧିକାରୀ ଓ ଅନ୍ୟମାନେ।

ରାୟଗଡ଼ା ଅଫିସ, ୧୩।୨

ଜିଲା ନିର୍ବାଚନ ଆର୍ଥିକ ପର୍ଯ୍ୟବେକ୍ଷକ ମନୋରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରାୟଗଡ଼ା ବ୍ଲକ୍ ସଦ୍‌ଭାବନା ସଭାଗୃହରେ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀଙ୍କ ଖର୍ଚ୍ଚର ସମୀକ୍ଷା କରାଯାଇଛି। ପର୍ଯ୍ୟବେକ୍ଷକ ମନୋରଞ୍ଜନ ମହାପାତ୍ର, ବ୍ୟକ୍ତିଗତ ସହାୟକ ନରେନ୍ଦ୍ର ସେଠୀ, ନିର୍ବାଚନ ଅଧିକାରୀ ଲକ୍ଷ୍ମୀନାରାୟଣ ସାବତ, ଏବିଡିଓ କାଳୁଚରଣ ନାୟକ, ଜିପିଇଓ ଗୋପାଳ ପଣ୍ଡା, ସମ୍ବଳ ଶିକ୍ଷକ ନୀଳାଞ୍ଚଳ ମିଶ୍ରଙ୍କ ସହ ଜିଲା ପରିଷଦ, ସମିତିସଭ୍ୟ ଓ ସରପଞ୍ଚ ପ୍ରାର୍ଥୀ ଉପସ୍ଥିତ ଥିଲେ। ପ୍ରାର୍ଥୀଙ୍କ ଖର୍ଚ୍ଚର ଦୈନିକ ହିସାବ ତନଖି କରିବା ସହ ଏହାର ପରିଚାଳନା ସମ୍ପର୍କରେ ସମୀକ୍ଷା କରାଯାଇଛି। ସରପଞ୍ଚ, ସମିତିସଭ୍ୟଙ୍କ ପାଇଁ ଦୁଇ ଲକ୍ଷ ଓ ଜିଲା ପରିଷଦ ସଭ୍ୟଙ୍କ ଖର୍ଚ୍ଚ ୫ଲକ୍ଷ ଟଙ୍କା ମଧ୍ୟରେ ସୀମିତ ରଖିବା ସହ ନିର୍ବାଚନ ଆଚରଣ ବିଧି ମାନିବାକୁ କୁହାଯାଇଛି। ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ଅବାଧ ଓ ଗଣତାନ୍ତ୍ରିକ କରିବା ନିମନ୍ତେ ନିର୍ବାଚନ ଖର୍ଚ୍ଚ ପରିଚାଳନାରେ ସ୍ୱଚ୍ଛତା, ସାଧୁତା ତଥା ସତ୍ୟତା ଉପରେ ଆଧାରିତ ହେବା ଉଚିତ୍ ବୋଲି ମତପ୍ରକାଶ ପାଇଛି। ଅନେକ ପ୍ରାର୍ଥୀଙ୍କ ଦୈନିକ ହିସାବ ପରିଚାଳନା ପ୍ରଣାଳୀକୁ ପର୍ଯ୍ୟବେକ୍ଷକ ପ୍ରଶଂସା କରିବା ସହ ସମସ୍ତ ପ୍ରାର୍ଥୀଙ୍କଠାରୁ ସେପରି ପରିଚାଳନା ଆଶା କରିଥିଲେ। ୧୯ରେ ଦ୍ୱିତୀୟ ପର୍ଯ୍ୟାୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ନିର୍ବାଚନ ଅଧିକାରୀ କହିଛନ୍ତି।

### ଯୌତୁକ ପାଇଁ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

ଆସିକା,୧୩।୨(ଡି.ଏନ.ଏ.)

ଆସିକା ବସଷ୍ଟାଣ୍ଡ ନିକଟ ବସ୍ତିରେ ଜଣେ ମହିଳାଙ୍କୁ ଯୌତୁକ ଦାବ ପାଇଁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ପ୍ରକାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ରବିବାର ଗିରଫ କରିଛି । ସେ ହେଲେ ଉକ୍ତ ବସ୍ତିର ଜଗା ନାୟକ । ଏ ନେଇ ଆସିକା ଥାନାରେ ନଂ.୮୪/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଗତ ଶୁକ୍ରବାର ଜଗାଙ୍କୁ ସ୍ତ୍ରୀ ରାଣୀ ବାପଘରକୁ ଯିବା ପାଇଁ ଅନୁମତି ମାଗିଥିଲେ। ଜଗା ତାଙ୍କୁ ବାପଘରୁ ଯୌତୁକ ବାବଦକୁ ବକେୟା ୧୦ ହଜାର ଟଙ୍କା ସୁଧ ସହ ଆଣିଲେ ଯିବ ବୋଲି କହିଥିଲେ । ଯୌତୁକ ବାବଦ ସମସ୍ତ ଟଙ୍କା ପୂର୍ବରୁ ଦିଆଯାଇଛି ବୋଲି ରାଣୀ କହିଥିବଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଜଗା ତାଙ୍କୁ ମାରଧର କରିଥିଲେ। ପୋଲିସରେ ଅଭିଯୋଗ କଲେ ଜୀବନରେ ମାରିଦେବେ ବୋଲି ଜଗା ଧମକ ଦେଇଥିବା ରାଣୀ ଅଭିଯୋଗରେ ଦର୍ଶାଇଥିଲେ।

## ବାଇକ୍ ରାଲି, ଘରକୁ ଘର ବୁଲି ପ୍ରଚାର ଚଳାଇଛି କଂଗ୍ରେସ

ପଦ୍ମପୁର, ୧୩।୨(ଡି.ଏନ୍.ଏ.)

ପଦ୍ମପୁର 'ଖ' ଜୋନ୍‌ରେ ରବିବାର ନୂଆଗଡ଼, ଲିକିଟିପଦର, ଗୁଲୁଗୁଡା ପଞ୍ଚାୟତର ସମସ୍ତ ଗ୍ରାମରେ କଂଗ୍ରେସ ବାଇକ୍ ରାଲିରେ ଯାଇ ପ୍ରଚାର ଏବଂ ଶକ୍ତି ପ୍ରଦର୍ଶନ କରିଛି। କଂଗ୍ରେସ ଗଡ଼ କୁହାଯାଉଥିବା ଏହି ଜୋନ୍‌କୁ ପୁଣିଥରେ ହାତେଇବା ଲାଗି ଚେଷ୍ଟା ଚଳାଇଛନ୍ତି ଦଳୀୟ ନେତା ଓ କର୍ମୀ। ପଦ୍ମପୁର 'ଖ' ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ଅନିଲ ଚୌଧୁରୀ, ଏମ୍‌ପିଙ୍କ ପ୍ରତିନିଧି ରାଜୀବ ସାହୁ ଏବଂ ଯୁବ ନେତା ସତ୍ୟଜିତ ଗମାଙ୍ଗ ଦଳର ନେତୃତ୍ୱ ନେଉଛନ୍ତି। କଂଗ୍ରେସ ସରକାର ଥିବା ସମୟରେ ଦରଦାମ୍ ନିୟନ୍ତ୍ରଣରେ ରହୁଥିଲା। ଶୃଙ୍ଖଳିତ ଶାସନ ମଧ୍ୟ ଚାଲୁଥିଲା। ପୁରୁଣା ଦିନରେ ଦଳ ପକ୍ଷରୁ କରାଯାଇଥିବା ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକୁ ନିର୍ବାଚନୀ ପ୍ରସଙ୍ଗ କରି ଲୋକଙ୍କ ପାଖରେ ପହଞ୍ଚୁଛନ୍ତି ଦଳୀୟ କର୍ମୀ। ଏହି ପ୍ରଚାର ବେଳେ 'କ' ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ସବିତା ଗମାଙ୍ଗ, ଜିଲା ଛାତ୍ର କଂଗ୍ରେସ ଉପସଭାପତି ମହେଶ ପାଟଖଣ୍ଡାଳ ଉପସ୍ଥିତ ଥିଲେ। ଶନିବାର ପଦ୍ମପୁର 'କ' ଜୋନ୍‌ର ଦଳୀୟ ପ୍ରାର୍ଥୀ ବିଭିନ୍ନ ସ୍ଥାନରେ ବୁଲି ପ୍ରଚାର କରିଥିଲେ। ପ୍ରଚାର ସମୟରେ କଂଗ୍ରେସର ବହୁ ବରିଷ୍ଠ କର୍ମୀ, ନେତା, ଯୁବନେତା, ଛାତ୍ରନେତା, ମହିଳା କଂଗ୍ରେସ କର୍ମୀ, ଏମ୍‌ପିଙ୍କ ପ୍ରତିନିଧି, 'ଖ' ଜୋନ୍ ପ୍ରାର୍ଥୀ, ଯୁବନେତା ସତ୍ୟଜିତ ଗମାଙ୍ଗ, ସୁଦର୍ଶନ ପାଣିଗ୍ରାହୀ, ରଘୁନାଥ ସାହୁ, ମନ୍ମଥା ରାଓ, ନାଗଭୂଷଣ ପଟ୍ଟନାୟକ, ବିପିନ ବାଉରୀ, ବାଲୁ ଭାଇ, ବିରେନ ସାହୁ, ହୀରାଲାଲ ସାହୁ, ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ନେତା ଓ କର୍ମୀମାନେ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷକ ପ୍ରଶିକ୍ଷକ କର୍ମଶାଳା

ଟିକିରି, ୧୩।୨(ଡି.ଏନ୍.ଏ.)



ରାୟଗଡ଼ା ଜିଲା କାଶୀପୁର ବ୍ଲକସ୍ଥିତ ଟିକିରି ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷକ କର୍ମଶାଳା ଉଦ୍‌ଯାପିତ ହୋଇଛି। ଏହି କର୍ମଶାଳାଟି ୧୧ରୁ ଆରମ୍ଭ ହୋଇ ୩ ଦିନ ଧରି ଚାଲଇଥିଲା। ଉକ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଆଲୁମିନାର ସି.ଏସ୍.ଆର୍, ଜି.ଏମ୍ ଡକ୍ଟର ଲୋପାମୁଦ୍ରା ପ୍ରିୟଦର୍ଶିନୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ା ଗାୟତ୍ରୀ ନଗର, ଆର୍.କେ. ନଗର, ଜେକେପୁର, ଟିକିରି ଓ କାଶୀପୁରର ୯୪ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ୧୧ଜଣ ଗୁରୁମା, ଗୁରୁଜୀ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମଟି ଟିକିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରଘୁନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ଟିକିରି ଲ୍ୟାମ୍ପସ୍ ଏମ୍.ଡି. ସୁଶାନ୍ତ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ସମାରୋହରେ ଶିକ୍ଷା ବିକାଶ ସମିତି ଓଡିଶା, ଦକ୍ଷିଣ ସମ୍ଭାଗର ସଭାପତି ରୂପସିଂ ରାଉତ, ରାୟଗଡ଼ା ସଂକୁଳ ପ୍ରମୁଖ ଜୟଦେବ ସିଂ, ଜିଲା ପ୍ରମୁଖ ଆନନ୍ଦ ଚୌଧୁରୀ ଓ ଜିଲା ସହ ପ୍ରମୁଖ ନରେନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଶିଶୁ ମନ୍ଦିର ପରିଚାଳନା କମିଟି ଏବଂ ବିଦ୍ୟୁତ୍ ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଏଟିଏମ୍ ଅଚଳ, ଗ୍ରାହକ ହନ୍ତସନ୍ତ

କାଶୀନଗର,୧୩।୨

କାଶୀନଗରର ୟୁନିୟନ ବ୍ୟାଙ୍କର ଏଟିଏମ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଅଚଳ ଏଟିଏମ୍‌କୁ ସଚଳ କରାଯାଉନାହିଁ। ଫଳରେ ଗ୍ରାହକମାନେ ଟଙ୍କା ଉଠାଣ ନିମନ୍ତେ ହନ୍ତସନ୍ତ ହେଉଛନ୍ତି। ବର୍ତ୍ତମାନ ନିର୍ବାଚନ ଦାୟିତ୍ୱରେ ବ୍ୟାଙ୍କ କର୍ମଚାରୀମାନେ ନିୟୋଜିତ ହେବା ଫଳରେ ବ୍ୟାଙ୍କ କାର୍ଯ୍ୟ ବ୍ୟାହତ ହେଉଛି। ଲୋକେ ଟଙ୍କା ଉଠାଣ ନିମନ୍ତେ ଏଟିଏମ ଉପରେ ନିର୍ଭର କରନ୍ତି। ବିଭିନ୍ନ ସମୟରେ ବିଦ୍ୟୁତ୍ ସରବରାହ ଯୋଗୁ ମଧ୍ୟ ଏଟିଏମ୍ ଗ୍ରାହକ ସେବା ନ ପାଇ ହଇରାଣ ହେଉଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

## କଳା, ସଂସ୍କୃତି, ସାହିତ୍ୟକୁ ନେଇ ଆଲୋଚନାଚକ୍ର

ଗୁଣପୁର,୧୩।୨(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁରସ୍ଥିତ ଭେଙ୍କେଟେଶ୍ୱର କଲ୍ୟାଣ ମଣ୍ଡପରେ କଳା, ସଂସ୍କୃତି ଏବଂ ସାହିତ୍ୟକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କବିତା ପାଠୋତ୍ସବ ସହ ସଙ୍ଗୀତ ପରିବେଷଣ କରାଯାଇଥିଲା। ବରିଷ୍ଠ ସାହିତ୍ୟିକ ପ୍ରତାପ କୁମାର ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଶିଷ୍ଟ କଳାକାର ତଥା ସାହିତ୍ୟିକ କୈଳାସ ଦାସ, ପ୍ରଦୀପ ନାୟକ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ରାୟଗଡାର ବିଶିଷ୍ଟ କଣ୍ଠ ଶିଳ୍ପି ପ୍ରଶାନ୍ତ ନାୟକ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଉପସ୍ଥିତ ଅତିଥିମାନେ ସାହିତ୍ୟ ଓ ସଙ୍ଗୀତ ସମ୍ପର୍କରେ ସମୀକ୍ଷା କରିଥିଲେ। କବିମାନଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା। ଅଶ୍ୱିନୀ ତ୍ରିପାଠୀ ଏବଂ ଉମା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରମେଶ ମିଶ୍ର ଧନ୍ୟବାଦ ଦେଇଥିଲେ। ଡ. ପ୍ରଶାନ୍ତ ହୋତା, କୃଷ୍ଣ ମିଶ୍ର, ପ୍ରମୋଦ ପଣ୍ଡା ଓ ଦୁର୍ଗା ଶତପଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାୟଗଡା ଏବଂ ଗୁଣପୁର କଳାକାର, କବି ଓ ସାହିତ୍ୟିକମାନେ ଉପସ୍ଥିତ ଥିଲେ। **ଅତିଥିମାନେ।**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ବିଜେଡି ଆଚରଣବିଧି ଉଲ୍ଲଂଘନ କରୁଛି: କଂଗ୍ରେସ

**ଖବରଦାତା ସମ୍ମିଳନୀରେ ଅଭିଯୋଗ**
- ୨୬ ଜିଲା ପରିଷଦ ଜୋନ୍‌ରେ ଜଗିବ କଂଗ୍ରେସ ସୁରକ୍ଷା ବାହିନୀ
- ଡାବୁଗାଁ ବିଧାୟକଙ୍କ ଉପରେ ଆପତ୍ତି ଉଠାଇଲା ଦଳ

ନବରଙ୍ଗପୁର,୧୩।୨(ବି.ପ୍ର.)

ବିଜେଡି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ରଣ୍ଡାଗୁଡାରେ ଶାଢି, ଟାୱେଲ, ବାଘ ସିଉନୀରେ ୬ଶହ ବସ୍ତା ଚାଉଳ, ଉମରକୋଟରେ ଟେବୁଲ ଚେୟାର ବଣ୍ଟନ ବେଳେ କଂଗ୍ରେସ ବିଜେଡିକୁ ଅଟକାଇ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି। ବିଜେଡି ପ୍ରଚାର କରୁଥିବା ସମୟରେ କେଉଁଠି ଅଣ୍ଡା ମାଡ଼ ତ ଆଉ କେଉଁଠି ଏହାକୁ ବିରୋଧ କରି ପ୍ରଚାର ଗାଡ଼ିକୁ ଲୋକମାନେ ଫେରାଇ ଦେଉଛନ୍ତି। ବିଜେଡି ପ୍ରତି ଜନସାଧାରଣ ସନ୍ତୁଷ୍ଟ ନୁହନ୍ତି ଏଥିରୁ ସ୍ପଷ୍ଟ ହେଉଛି ବୋଲି ନବରଙ୍ଗପୁର ଜିଲା କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ମୁନା ତ୍ରିପାଠୀ କହିଛନ୍ତି।

କଂଗ୍ରେସ ଜିଲାରେ ଦୁର୍ବଳ ନାହିଁ। ଅନୁସୂଚିତ ଜାତି ଓ ଜନଜାତିର ୭ ସଙ୍ଗଠନ ଏବେ କଂଗ୍ରେସ ସହ ରହି ତ୍ରିସ୍ତରୀୟ ନିର୍ବାଚନ ପାଇଁ କାର୍ଯ୍ୟ କରୁଛନ୍ତି। କଂଗ୍ରେସ ମିଶନ ଶକ୍ତି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇ ମହିଳାଙ୍କୁ ଅଧିକ ଟିକଟ ଦେଉଛି। ବିଜେଡି ବିକାଶ ନ କରି କ୍ଷମତା ପାଇଁ ପଇସା କମାଇବାରେ ଲାଗିଛି ବୋଲି ଜିଲା ସଭାପତି କହିଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଜିଲାର ଚନ୍ଦାହାଣ୍ଡି ଓ ଝରିଗାଁ ବ୍ଲକରୁ ଆରମ୍ଭ ହେବ। ନିର୍ବାଚନ ପ୍ରଚାର ଆଜିଠାରୁ ବନ୍ଦ ହେବ। ଏନେଇ ବିଜେଡି ଆଚରଣବିଧି ଉଲ୍ଲଂଘନ କରିବା ଆଶଙ୍କା ରହିଛି। ଏଥିପାଇଁ ଜିଲାର ୨୬ ଜୋନ୍‌ରେ କଂଗ୍ରେସ ପକ୍ଷରୁ ସୁରକ୍ଷା ବାହିନୀ ଗଠନ କରାଯାଇଛି। ବିଜେଡି ଆଚରଣବିଧି ଉଲ୍ଲଂଘନ କଲେ କଂଗ୍ରେସ ମଧ୍ୟ ତାହାର ରୂପ ଦେଖାଇବ ବୋଲି ତ୍ରିପାଠୀ କହିଛନ୍ତି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରି ନିଜ ଗାଡିରେ ଲୁଗା ନେଇ ଯାଉଥିଲେ। ଏହାର ବିରୋଧ କରିବାରୁ ବିଧାୟକ ରନ୍ଧାରୀ ଦୁର୍ବ୍ୟବହାର କରିଥିବା ନେଇ ପାପଡାହାଣ୍ଡି ଜିଲା ପରିଷଦ ଜୋନ୍-୨ ପ୍ରାର୍ଥୀ ଡାକ୍ତର ଲିପିକା ମାଝି କହିଛନ୍ତି। ଆମେ ଘର ଘର ବୁଲି ଭୋଟ ମାଗିବାବେଳେ ବିଧାୟକ ରନ୍ଧାରୀ ଲୁଗାପଟା ବାଣ୍ଟି ଲୋକଙ୍କୁ ପ୍ରଲୋଭନ ଦେଖାଉଛନ୍ତି। ବିଜେଡି ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରୁଛି,

ନିର୍ବାଚନ ଅଧିକାରୀ ଏହା ଜାଣି ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ନିର୍ବାଚନ ସରିଲେ ସେମାନଙ୍କ ଉପରେ ଚାପ ପଡିବ ଜାଣି ବିଜେଡିକୁ ସହଯୋଗ କରୁଛନ୍ତି। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଓ ତାହାକୁ ସହଯୋଗ କରୁଥିବା ଅଧିକାରୀଙ୍କୁ ଏଠାରୁ ତୁରନ୍ତ ବଦଳି କରାଯିବା ଆବଶ୍ୟକ ବୋଲି ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି କହିଛନ୍ତି। ବିଧାୟକଙ୍କ ଯେଉଁ ଗାଡିରୁ ଲୁଗାପଟା ମିଳିଛି ତାହାକୁ ସିଜ୍ କରାଯାଉ ବୋଲି ଭୁଜବଳ ଦାବି କରିଛନ୍ତି।

କଂଗ୍ରେସ ପରାଜୟ ଭୟରେ ମିଥ୍ୟା ଅଭିଯୋଗ ଆଣିଛି। ଜିଲାରେ କଂଗ୍ରେସର ସତ୍ତା ନାହିଁ। ବିଜେଡି ମହିଳାଙ୍କୁ ସମ୍ମାନ ଦେଇଆସୁଛି। ମହିଳାମାନେ ଭୋଟଦେଇ ଜିତାଇଛନ୍ତି। ସେମାନଙ୍କୁ କିଭଳି ବ୍ୟବହାର କରାଯାଏ ତାହା ଜଣାଅଛି ବୋଲି ବିଧାୟକ ରନ୍ଧାରୀ କହିଛନ୍ତି।

କୌଣସି ଆଚରଣବିଧି ଉଲ୍ଲଂଘନ ହୋଇନାହିଁ। ରାଜନୀତି କଲେ ବହୁ କଥା ଶୁଣିବାକୁ ପଡିବ, ତେଣୁ ସରଳତା ଅବଲମ୍ବନ କରିବାକୁ ହେବ। ୨୦୦୯ରୁ ବିଧାୟକ ହେବା ପରଠାରୁ ମୋ ଗାଡିରେ ଶାଢ଼ି, ଟାୱେଲ, ଚକୋଲେଟ, ବିସ୍କୁଟ୍ ଓ ପେନ୍ ସବୁବେଳେ ରହୁଛି। ଶନିବାର ଏକ ଦଶାହ ଓ ବାହାଘର ଥିଲା। ତେଣୁ ସେ ସବୁ ଧରିକି ଯାଉଥିଲି ବୋଲି ବିଧାୟକ ରନ୍ଧାରୀ କହିଛନ୍ତି। କୌଣସି ସ୍ଥାନରେ ଶାଢ଼ି, ଲୁଗା ଆଦି ବଣ୍ଟନ କରିବାର ପ୍ରମାଣ ନାହିଁ। ବାଣ୍ଟିଥିଲେ ତାହା ନିର୍ବାଚନ ଅଚରଣବିଧି ଉଲ୍ଲଂଘନ ବୋଲି କୁହାଯାଇଥାନ୍ତା। କୌଣସି ପ୍ରମାଣ ନ ଥାଇ କଂଗ୍ରେସ ମିଥ୍ୟା ଅଭିଯୋଗ ଆଣିଛି ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ସଦନ ନାୟକ, ଅବଦୁଲ ଫିରୋଜ, ନଗର କଂଗ୍ରେସ ସଭାପତି ଭୀମ ହରିଜନ, ପିସିସି ସଭ୍ୟ ଦିଲ୍ଲୀପ ବେହେରା, ସାଧାରଣ ସମ୍ପାଦକ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

